بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମ୍ବୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 19

ବାର୍ଷିକ ଦେୟ : 600/-

09 ଜୁଲ୍ କାଦା 1446 ହି.କ, 08 ହିଜରତ୍ 1404 ହି.ଶ, 08 May 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَلَا تَاۡکُلُوۡۤا اَمۡوَالَکُمۡ بَیۡنَکُمۡ بِالۡبَاطِلِ وَتُدۡلُوۡا بِہَاۤ اِلَی الۡحُکَّامِ لِتَاۡکُلُوۡا فَرِیۡقًا مِّنۡ اَمۡوَالِ النَّاسِ بِالۡاِثۡمِ وَاَنۡتُمۡ تَعۡلَمُوۡنَ

(ଅଲ୍ ବକ୍ରାହ୍: 189)

**ଅନୁବାଦ:** ଏବଂ ତୁମେମାନେ ମିଥ୍ୟା ଓ ପ୍ରତାରଣା ଦ୍ୱାରା ଆପଣା ଭାଇ-ମାନଙ୍କ ସମ୍ପତ୍ତିକୁ ନିଜମନିଜ ମଧ୍ୟରେ ମିଳିମିଶି ଆତ୍ମସାତ୍ କର ନାହିଁ ଏବଂ ତୁମେମାନେ ଅନ୍ୟାୟ ପୂର୍ବକ ଜାଣିଶୁଣି ସର୍ବସାଧାରଣ ସମ୍ପତ୍ତିର କୌଣସି ଅଂଶକୁ ନିଜର କରିବା ଉଦ୍ଦେଶ୍ୟରେ ତାହାକୁ ଉତ୍କୋଚ ରୂପେ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କର ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

عَنۡ اَبِیۡ ھُرَیۡرَۃَ رَضِیَ اللّٰہُ عَنۡہُ عَنِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ قَالَ: اِنَّ الدِّیۡنَ یُسۡرٌ وَلَنۡ یُّشَادَّ الدِّیۡنَ اَحَدٌ اِلَّا غَلَبَہٗ فَسَدِّدُوۡا وَقَارِبُوۡا وَاَبۡشِرُوۡا وَاسۡتَعِیۡنُوۡا بِالۡغَدۡوَۃِ وَالرَّوۡحَۃِ وَشَیۡءٍ مِّنَ الدُّلۡجَۃِ۔

**(ବୁଖାରୀ, କିତାବୁଲ୍ ଇମାନ୍, ବାବ୍-ଅଦ୍ ଦିଇନୁ ଇୟୁସ୍ରୁନ୍) (ହଦିକତୁସ୍ ସାଲିହିନ୍‌ର ପ୍ରାମାଣ୍ୟରୁ ଉଦ୍ଧୃତ, ହଦିସ୍ ନଂ-776)**

(2365) ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ କହିଲେ: ଧର୍ମ କହିଲେ ସହଜତାକୁ ବୁଝାଏ । କିନ୍ତୁ ଯେଉଁ ବ୍ୟକ୍ତି ଧର୍ମକୁ ନିୟମନ୍ତ୍ରଣ କରିବାକୁ ଚେଷ୍ଟା କରେ ଏବଂ ଧର୍ମ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଇଚ୍ଛା ପ୍ରକାଶ କରେ ସେହି ବ୍ୟକ୍ତି ନିଜର ଉଦ୍ୟମରେ କେବେ ବି ସଫଳ ହୋଇ ପାରିବ ନାହିଁ ।

ଅତଏବ୍ ତୁମେମାନେ ସର୍ବଦା ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନ କରିବାକୁ ଚେଷ୍ଟା କର ଏବଂ ସବୁବେଳେ ସହଜତା ନିକଟବର୍ତ୍ତୀ ହୋଇ ରୁହ । ତୁମେମାନେ ଲୋକମାନଙ୍କୁ ସୁସମାଚାର ଦେଇଦିଅ । ତୁମେମାନେ ସକାଳ, ସନ୍ଧ୍ୟା ଓ ରାତ୍ରର କିଛି ଅଂଶ (ପ୍ରହରରେ) ନୱାଫିଲ୍ ମାଧ୍ୟମରେ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କର ।

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ବିନୀତତା ଏବଂ ରୋଦନ (ବିଳାପ)ରେ କିପରିକା ଗୁପ୍ତ ଖଡ଼୍‌ଗ ରହିଥିଲା ? କାରଣ ସେହି ଗୁପ୍ତ ଖଡ଼୍‌ଗ ହ. ଉମର୍ ର.ଅଙ୍କ ଭଳି ବ୍ୟକ୍ତିଙ୍କୁ ଯିଏ ଆଁହଜରତ ସ.ଅଙ୍କୁ ହତ୍ୟା କରିବାର ଅଙ୍ଗୀକାର ଓ ସଂକଳ୍ପ ନେଇ ଆସିଥିଲେ ଆଁହଜରତ ସ.ଅଙ୍କ ହାବଭାବକୁ (ଅପୂର୍ବ ଐଶୀ ବିଭବ, ଉପାସନା, ବିନୀତତା ଏବଂ ରୋଦନକୁ)ଦେଖି ନିଜେ (ଶରବିଦ୍ଧ ହେଲେ) ଶହୀଦ୍ ହୋଇଗଲେ । ଏହି ଧ୍ୟାନ ଏବଂ ରୋଦନରେ ଏପରି ଖଡ଼୍‌ଗ ହୋଇଥାଏ ଯେ, ତାହା ଖଡ଼୍‌ଗ ଏବଂ କୁନ୍ତ (ବର୍ଚ୍ଛା ବା ତୀରର ଅଗ୍ରଭାଗ) ଅପେକ୍ଷା ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ ।**

ହ. ଉମର୍ ର.ଅଙ୍କୁ ଦେଖ ! ଇସ୍‌ଲାମ୍ ଧର୍ମ ଓ ଆଁହଜରତ ସ.ଅଙ୍କୁ କିପରି ଲାଭ ପହଞ୍ଚିଥିଲା । ବେଳ ଥିଲା ହ. ଉମର୍ ର.ଅ ବିଶ୍ୱାସ ଆଣି ନଥିଲେ ଏବଂ 4 ବର୍ଷ ପର୍ଯ୍ୟନ୍ତ କାଳ ସେ ଅଲ୍ଲାଃତାଲା ଏବଂ ଆଁହଜରତ ସ.ଅଙ୍କ ଉପରେ ବିଶ୍ୱାସ ଆଣି ନଥିଲେ (ଅର୍ଥାତ୍ ବିଶ୍ୱାସ ସ୍ଥାପନ କରି ନଥିଲେ) । ଅର୍ଥାତ୍ ବିଶ୍ୱାସ ଆଣିବାକୁ 4 ବର୍ଷ କାଳ ବିଳମ୍ବ ହୋଇଗଲା । ଅଲ୍ଲାଃତାଲା ସର୍ବଜ୍ଞ ଓ ତତ୍ତ୍ୱଦର୍ଶୀ ଅଟନ୍ତି ଯେ, ତହିଁରେ କେଉଁ ରହସ୍ୟ ରହିଥିଲା ? ଅବୁ ଜହଲ୍ ଏପରି ଏକ ବ୍ୟକ୍ତିକୁ ଖୋଜୁଥିଲା ଯେ, ତା'କୁ ଏମିତି ଏକ ବ୍ୟକ୍ତି ମିଳୁ ଯିଏ ରସୁଲୁଲ୍ଲାଃ ସ.ଅଙ୍କ ହତ୍ୟା କରିଦେବ । ହ. ଉମର୍ ର.ଅ ସେତେବେଳେ ଅତ୍ୟନ୍ତ ବୀର ଏବଂ ସାହସୀ ବ୍ୟକ୍ତି ରୂପେ ଜଣାଶୁଣା ଥିଲେ ଓ ଆପଣ ର.ଅ ଜଣେ ବିଭବଶାଳୀ ବ୍ୟକ୍ତି ଥିଲେ । ସୁତରାଂ ଅବୁ ଜହଲ୍ ଓ ହ. ଉମର୍ ର.ଅ ପରସ୍ପର ମଧ୍ୟରେ ପରାମର୍ଶ କରି ହ. ଉମର୍ ର.ଅଙ୍କୁ ରସୁଲୁଲ୍ଲାଃ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଜିମା ଦେଇଥିଲା । ହ. ଉମର୍ ର.ଅ ଅବୁ ଜହଲ୍ ସହିତ ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ଚୁକ୍ତିରେ ଏହା ଧାର୍ଯ୍ୟ ହୋଇଥିଲା ଯେ, ହ. ଉମର୍ ର.ଅ ଯଦି ଆଁହଜରତ ସ.ଅଙ୍କୁ ହତ୍ୟା କରି ଚାଲି ଆସିବେ ତେବେ ଏତେ ଟଙ୍କା ତାଙ୍କୁ ଦିଆଯିବ।

ଅଲ୍ଲାଃତାଲାଙ୍କ ଲୀଳା ଦେଖ ! ସେହି ଉମର୍ ର.ଅ ଯିଏ ଦିନେ ଆଁହଜରତ ସ.ଅଙ୍କୁ ଶହୀଦ୍ କରିବା ନିମନ୍ତେ ଆସନ୍ତି, ଅପର ମୁହୂର୍ତ୍ତରେ ସେହି ଉମର୍ ର.ଅ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇ ନିଜେ (ବିଶ୍ୱାସ ଏବଂ ପ୍ରାମାଣ୍ୟ ଦ୍ୱାରା) ଶହୀଦ୍ ହୋଇଗଲେ । ସେହି ଯୁଗଟି କେଡ଼େ ଅଭୂତ ଯୁଗ ଥିଲା । ଅତଏବ୍ ହ. ଉମର୍ ର.ଅ ଅବୁ ଜହଲ୍ ସହିତ ସେତେବେଳେ ଏକ ଚୁକ୍ତି କରିଥିଲେ ଯେ, ହେ ଅବୁ ଜହଲ୍ ! ମୁଁ ମୁହମ୍ମଦ ସ.ଅଙ୍କୁ ଶହୀଦ୍ କରିବି । ଉକ୍ତ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହ. ଉମର୍ ର.ଅ ଆଁହଜରତ ସ.ଅଙ୍କୁ ସନ୍ଧାନ (ଖୋଜିବାକୁ) କରିବାକୁ ଲାଗିଲେ । ହ. ଉମର୍ ର.ଅ ରାତ୍ରରେ ବୁଲୁଥିଲେ ଯେ, ଯଦି ଆଁହଜରତ ସ.ଅ ତାଙ୍କୁ ଏକୁଟିଆ ମିଳି ଯାଆନ୍ତି ତେବେ ସେ ଆଁହଜରତ ସ.ଅଙ୍କୁ ହତ୍ୟା କରିଦେବେ। ସୁତରାଂ ହ.ଉମର୍ ର.ଅ ଲୋକମାନଙ୍କୁ ପଚାରିଲେ ଯେ, ହେ ଲୋକମାନେ ! ମୁହମ୍ମଦ ସ.ଅ କେଉଁଠି ଏକୁଟିଆ (ଏକାନ୍ତ ମିଳିବେ) ଥାଆନ୍ତି ? ଲୋକମାନେ କହିଲେ, ଅର୍ଦ୍ଧ ରାତ୍ର ଅତିବାହିତ ହେଲା ପରେ ଆପଣ ସ.ଅ ଯାଇ ଖାନା କାଆବାରେ ନମାଜ ପାଠ କରନ୍ତି । ଉକ୍ତ କଥା ଶୁଣି ହ. ଉମର୍ ର.ଅ ପ୍ରଫୁଲ୍ଲିତ (ଖୁସି) ହୋଇ ଉଠିଲେ । ସୁତରାଂ ହ. ଉମର୍ ର.ଅ ଖାନା କାଆବାରେ ଆସି ଲୁଚିଗଲେ । ଯେତେବେଳେ କିଛି ସମୟ ଅତିକ୍ରାନ୍ତ ହୋଇଗଲା ସେତେବେଳେ ଜଙ୍ଗଲରୁ لَاۤ اِلٰہَ اِلَّا اللّٰہُ ସ୍ୱର ଆସୁଥିବାର ଜ୍ଞାତ ହେଲା ଏବଂ ସେହି ସ୍ୱରଟି ଆଁହଜରତ ସ.ଅଙ୍କର ସ୍ୱର ଥିଲା । ଉକ୍ତ ସ୍ୱରକୁ ଶୁଣି ହ. ଉମର୍ ର.ଅ ସୁନିଶ୍ଚିତ ହେଲେ ଯେ, ଉକ୍ତ ସ୍ୱରଟି ଅମକ ଦିଗରୁ ଆସୁଛି । ତେଣୁ ହ. ଉମର୍ ର.ଅ ସତର୍କତାର ସହିତ ଲୁଚିଗଲେ ଏବଂ ଏହି ଇଚ୍ଛା ପ୍ରକାଶ କଲେ କି ଆଁହଜରତ ସ.ଅ ଯେତେବେଳେ ସଜ୍‌ଦାକୁ ଯିବେ ସେତେବେଳେ ମୁଁ ଆଁହଜରତ ସ.ଅଙ୍କର ସ୍କନ୍ଧଚ୍ୟୁତ କରିଦେବି । ଆପଣ ସ.ଅ ଆସିବା ମାତ୍ରେ ନମାଜ ନମାଜ ପାଠ ଆରମ୍ଭ କରିଦେଲେ । ପୁନଶ୍ଚ ଏହା ପରରର ଘଟଣାବଳୀ ହ. ଉମର୍ ର.ଅ ସ୍ୱୟଂ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ସଜ୍‌ଦାରେ ଏପରି ରୋଦନ ଓ ବିଳାପ କରି ଦୁଆ (ପ୍ରାର୍ଥନା) କଲେ ଯେ, ମୁଁ ଥରହର ହେବାକୁ ଲାଗିଲି। ଏପର୍ଯ୍ୟନ୍ତକି ଆଁହଜରତ ସ.ଅ ମଧ୍ୟ ଏହା କହିଲେ, سَجَدَ لَکَ رُوۡحِیۡ وَجَنَانِیۡ ଅର୍ଥାତ୍ ହେ ମୋର ପ୍ରଭୁ ତୁମ୍ଭ ନିମନ୍ତେ ମୋର ଆତ୍ମା ଏବଂ ହୃଦୟ ମଧ୍ୟ ସଜ୍‌ଦା (ଦଣ୍ଡବତ/ମଥାନତ) ଅଟେ । ହ. ଉମର୍ ର.ଅ କୁହନ୍ତି ଯେ, ଉକ୍ତ ଦୁଆକୁ ଶୁଣି ଯକୃତ (ଅର୍ଥାତ୍ ହୃଦୟ) ଖଣ୍ଡ ଖଣ୍ଡ ହୋଇଯାଇଥିଲା । ହ. ଉମର୍ ର.ଅ କହିଲେ, ପରିଶେଷରେ ମୋର ହସ୍ତ ସତ୍ୟକୁ ଦେଖି ତ୍ରସ୍ତ (ଭୟଭୀତ) ହୋଇ ପଡ଼ିଲା ଏବଂ ତ୍ରସ୍ତ ହେବା ଯୋଗୁଁ ମୋ ହସ୍ତରୁ ଖଡ଼୍‌ଗ ଖସି ପଡ଼ିଲା । ମୁଁ ଆଁହଜରତ ସ.ଅଙ୍କ ଉକ୍ତ ଅବସ୍ଥାକୁ ଦେଖି ବୁଝିଗଲି ଯେ, ଆପଣ ସ.ଅ ସତ୍ୟବାଦୀ ଅଟନ୍ତି ଏବଂ ଆପଣ ସ.ଅ ଅବଶ୍ୟ ସାଫଲ୍ୟମଣ୍ଡିତ ହେବେ । କିନ୍ତୁ ମନ୍ଦ ଓ ପାପ ନିମନ୍ତେ ପ୍ରବର୍ତ୍ତାଉଥିବା ମନ ଅତ୍ୟନ୍ତ ମନ୍ଦ ହୋଇଥାଏ । ଯେତେବେଳେ ଆପଣ ସ.ଅ ନମାଜ ପାଠ କରି ଖାନା କାଆବାରୁ ବାହାରିଲେ ସେତେବେଳେ ମୁଁ ଆପଣ ସ.ଅଙ୍କ ପଛେ ପଛେ ବାହାରି ପଡ଼ିଲି। ଆଁହଜରତ ସ.ଅଙ୍କୁ ମୋ ପାଦରୁ ମୋ ଆସିବା ସଂପର୍କରେ ଯେତେବେଳେ ଜ୍ଞାତ ହେଲା, ରାତ୍ର ଅନ୍ଧକାର ଥିଲା, ଆଁହଜରତ ପଚାରିଲେ କିଏ ? ମୁଁ କହିଲି, ମୁଁ ଉମର୍ ! ଆପଣ ସ.ଅ କହିଲେ, ହେ ଉମର୍ ! ତୁମେ ନା ଦିନରେ ମୋର ପିଛା ଛାଡୁଛ ଓ ନା ହିଁ ତୁମେ ରାତିରେ ମୋର ପିଛା କରିବା ଛାଡୁଛ । ସେତେବେଳେ ମୋତେ ଆଁହଜରତ ସ.ଅଙ୍କ ଆତ୍ମାର ସୁଗନ୍ଧ (ବାସ୍ନା) ଆସିଲା ଏବଂ ମୋ ଅନ୍ତରାତ୍ମା ଅନୁଭବ କଲା ଯେ, ଆଁହଜରତ ସ.ଅ

ମୋତେ ଅଭିଶାପ ଦେବେ । ମୁଁ କହିଲି, ମହୋଦୟ! ଆପଣ ମୋତେ ଅଭିଶାପ ଦିଅନ୍ତୁ ନାହିଁ । ହ. ଉମର୍ ର.ଅ କୁହନ୍ତି: "ମୋର ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ନିମନ୍ତେ ସେହି ସମୟ ଏବଂ ସେହି ମୁହୂର୍ତ୍ତ ପ୍ରକୃଷ୍ଟ ଥିଲା ଏପର୍ଯ୍ୟନ୍ତକି ଈଶ୍ୱର ମୋତେ ସାମର୍ଥ୍ୟ ପ୍ରଦାନ କଲେ ଏବଂ ମୁଁ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଗଲି ।"

ହୁଜୁର ଅ.ସ କହିଲେ, ବର୍ତ୍ତମାନ ଚିନ୍ତା କର ଯେ, ଏହି ବିନୀତତା ଏବଂ ରୋଦନରେ (ଆଁହଜରତ ସ.ଅଙ୍କ ଅଲ୍ଲାଃତାଲାଙ୍କ ନିକଟରେ ଉପାସନା କରିବା ଓ ବିନୀତତାମୂଳକ ରୋଦନ ତଥା ବିଳାପ କରିବା) କିପରିକା ଖଡ୍‌ଗ ଲୁକ୍କାୟିତ ହୋଇ ରହିଥିଲା ଯେ, ହ. ଉମର୍ ର.ଅଙ୍କ ପରି ବ୍ୟକ୍ତି ଯିଏ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଅବୁ ଜହଲ୍ ସହିତ ଚୁକ୍ତି କରି ଆସିଥିଲେ ସେହି ଉମର୍ ର.ଅଙ୍କ ଆଁହଜରତ ସ.ଅଙ୍କ ଉକ୍ତ ଉପାସନାକୁ ଦେଖି ନିଜେ ଶହୀଦ୍ ହୋଇଗଲେ । ଅର୍ଥାତ୍ ହ. ଉମର୍ ର.ଅଙ୍କ ହୃଦୟ ଆଁହଜରତ ସ.ଅଙ୍କ ଊାପସନା, ଅଲ୍ଲାଃତାଲାଙ୍କ ନିକଟରେ ଆଁହଜରତ ସ.ଅଙ୍କର ରୋଦନ ଏବଂ ବିଳାପକୁ ଦେଖି ଆଁହଜରତ ସ.ଅଙ୍କୁ କ'ଣ ବା ଶହୀଦ୍ କରିବେ ହ. ଉମର୍ ନିଜେ ଆଁହଜରତ ସ.ଅଙ୍କ ଉକ୍ତ ଅବସ୍ଥାକୁ ଦେଖି ନିଜେ ଶହୀଦ୍ ହୋଇଗଲେ । ଅର୍ଥାତ୍ ମହାବତାରଙ୍କ ଉପାସନାମୂଳକ ଓଜସ୍ୱୀ ବିଭବ, ଉପାସନାକୁ ଦେଖି ହ. ଉମର୍ ର.ଅ ଶହୀଦ୍ ଅର୍ଥାତ୍ ଆହତ ହୋଇ ତାଙ୍କର ହୃଦୟ ପରିବର୍ତ୍ତନ ହୋଇଗଲା । ସୁତରାଂ ଆଁହଜରତ ସ.ଅଙ୍କ ସେହି ବିନୀତତା, ରୋଦନ ଓ ବିଳାପରେ ଏପରି ଖଡ୍‌ଗ ନିହିତ ଥିଲା ଯେଉଁ ଖଡ଼ଗ ବର୍ଚ୍ଛା ଏବଂ ତୀରର ଅଗ୍ରଭାଗ ଅପେକ୍ଷା ଅଧିକ ତୀକ୍ଷ୍ଣ ଏବଂ ଫଳଦାୟକ ସାବ୍ୟସ୍ତ ହୋଇଥାଏ । ସୁତରାଂ ଆଁହଜରତ ସ.ଅଙ୍କ ସେହି ଯୁଗଟି ମକ୍କୀୟ ଜୀବନର ଅହମଦ ନାମ ପ୍ରାଦୁର୍ଭୂତ ହେବାର କାଳ ଥିଲା ।

ଅତଏବ୍ ଆପଣ ସ.ଅ ମକ୍କା ଠାରେ ପ୍ରେମିକର (ଈଶ୍ୱରଙ୍କ ପ୍ରେମ ଏବଂ ଈଶ୍ୱରଙ୍କ ପ୍ରତି ତଲ୍ଲୀନତା) ରଙ୍ଗ, ରୂପମୂଳକ ଚମତ୍କାର ପ୍ରଦର୍ଶନ କଲେ । ଆପଣ ସ.ଅ ନିଜକୁ ଧୂଳିରେ ମିଶାଇଦେଲେ ଏବଂ ସହସ୍ର ସହସ୍ର ମୃତ୍ୟୁ ନିଜ ଲାଗି ସ୍ୱୀକାର କରିନେଲେ। ଆଁହଜରତ ସ.ଅଙ୍କ ସେହି ବିଳାପ, ରୋଦନ, ବିନୀତତା, ବିଶ୍ୱସ୍ତତା, ଆତୁରତା, ଉତ୍ସାହ ଏବଂ ଦୁଆ (ପ୍ରାର୍ଥନା) କୁ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଆକଳନ କରିପାରି ନଥିଲା ।

ସେହିସବୁ ମୃତ୍ୟୁ ପରେ ସେହି ଶକ୍ତି, ସେହି ଜୀବନ ଆପଣ ସ.ଅଙ୍କୁ ପ୍ରାପ୍ତ ହେଲା ଯେ, ସହସ୍ର ସହସ୍ର ଏବଂ ଲକ୍ଷାଧିକ ମୃତ ବ୍ୟକ୍ତିଙ୍କ ମଧ୍ୟରେ ଜୀବନ ନ୍ୟାସକାରୀ ଆପଣ ସ.ଅ ସାବ୍ୟସ୍ତ ହେଲେ ଓ ଲୋକମାନଙ୍କୁ ଏକତ୍ରିତକାରୀ ଅବତାର ରୂପେ ବିବେଚେତି ହେଲେ ଏବଂ ଏପର୍ଯ୍ୟନ୍ତକି ନିଜର ଈଶ୍ୱରାଗତ ଐଶୀ ଶକ୍ତି ବଳରେ କୋଟି କୋଟି ମୃତକମାନଙ୍କୁ (ଆଧ୍ୟାତ୍ମିକ ରୂପେ) ଜୀବିତ କରିଛନ୍ତି ଏବଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ଆପଣ ସ.ଅ ସେହି ମୃତକମାନଙ୍କୁ ଜୀବିତ କରି ଚାଲିଥିବେ । **(ମଲ୍‌ଫୁଜାତ୍, ଭାଗ-2, ପୃ-64-65, ପ୍ରକାଶନ ସ୍ଥାନ-2018 ମସିହା, କାଦିୟାନ୍)**

☆--☆--☆

**ଯେଉଁ ବ୍ୟକ୍ତି ନିଜ ସଂପ୍ରଦାୟ ଏବଂ ନିଜ ଜାତିର ଉପକାର ସାଧନ କରିଥାଏ ସେହି ବ୍ୟକ୍ତି ମଧ୍ୟ ମୁସଲମାନ ଅଟେ ।**

**ଯେଉଁ ବ୍ୟକ୍ତି ନିଜର ପ୍ରତିବେଶୀ (ପଡ଼ୋଶୀ) ନିଜର ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନମାନଙ୍କୁ ଶାନ୍ତି ପ୍ରଦାନ କରେ ଓ ସେମାନଙ୍କ ନିମନ୍ତେ ରକ୍ତାପାତ ସମସ୍ୟା ସୃଷ୍ଟି କରେ ନାହିଁ ସେହି ବ୍ୟକ୍ତି ମଧ୍ୟ ମୁସଲମାନ ଅଟେ ।**

**କିନ୍ତୁ ଯେଉଁ ବ୍ୟକ୍ତି ନିଜ ଜାତି, ସଂପ୍ରଦାୟ, ବନ୍ଧୁ ପରିଜନ, ସଂପର୍କୀୟ ଓ ଆତ୍ମୀୟ ସ୍ୱଜନମାନଙ୍କ ପ୍ରତି ବିରୁଦ୍ଧାଚରଣ (ଅନିଷ୍ଟ) କରେ ତେବେ ସେହି ବ୍ୟକ୍ତି ଅଣମୁସଲମାନ ଅଟେ । ସେହି ବ୍ୟକ୍ତି ଦିବା ରାତ୍ର ନିଜକୁ ମୁସଲମାନ ବୋଲାଉ ପଛେ କିନ୍ତୁ ସେହି ବ୍ୟକ୍ତି ମୁସଲମାନ ହୋଇ ପାରିବ ନାହିଁ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜ୍‌ର ଆୟତ୍ ସଂଖ୍ୟା 79ର ବ୍ୟାଖ୍ୟା କରି କୁହନ୍ତି: ପ୍ରତ୍ୟେକ ବ୍ୟକ୍ତିର ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସହିତ ପ୍ରଥମ ସଂପର୍କ ହୋଇଥାଏ । ତେଣୁ ଯେଉଁ ବ୍ୟକ୍ତି ଅଲ୍ଲାତାଲାଙ୍କ ଆଜ୍ଞାବହତ୍ୱ ଏବଂ ତାହାଙ୍କ ବଶ୍ୟତା ସ୍ୱୀକାର କରିନେଇଥାଏ ସେହି ବ୍ୟକ୍ତି ମୁସ୍‌ଲିମ୍ (ଆଜ୍ଞାକାରୀ) ହୋଇଥାଏ । କାରଣ ସେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ସମ୍ମୁଖରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପିତ କରିଦେଇଥାଏ । ଏହା ହିଁ ଇସ୍‌ଲାମ୍ ଧର୍ମର ବ୍ୟାଖ୍ୟା ଏବଂ ଇସଲାମ୍ ଧର୍ମର ସଠିକ୍ ବିବରଣୀ ଅଟେ । ମନୁଷ୍ୟର ଦ୍ୱିତୀୟ ସଂପର୍କ ନିଜର ଅସ୍ତିତ୍ୱ ଏବଂ ମାନବଜାତି ସହିତ ହୋଇଥାଏ । ସୁତରାଂ ଯେଉଁ ବ୍ୟକ୍ତି ନିଜର ଅସ୍ତିତ୍ୱକୁ ଉପଦ୍ରବରେ ପଡ଼ିବାରୁ ସୁରକ୍ଷିତ କରିନିଏ, ହିଂସାରେ ପଡ଼ିବାରୁ ବଞ୍ଚାଇ ନିଏ, ଅବିଶ୍ୱସ୍ତତା, ବିଶ୍ୱାସଘାତକତାରେ ପଡ଼ିବାର ସୁରକ୍ଷିତ କରି ନିଏ, ମିଥ୍ୟା, ଆଡ଼ମ୍ବର, ଚଞ୍ଚଳତା, ବିଦ୍ୱେଷ ଓ ଈର୍ଷାରୁ ନିଜକୁ ସୁରକ୍ଷିତ କରି ନିଏ ସେହି ବ୍ୟକ୍ତି ମଧ୍ୟ ମୁସଲିମ୍ ଅଟେ । କାରଣ ସେ ନିଜର ପ୍ରାଣକୁ ଶାନ୍ତି ପ୍ରଦାନ କଲା । ସେହିପରି ଯେଉଁ ବ୍ୟକ୍ତି ନିଜ ଜାତିର ଲୋକମାନଙ୍କର ଉପକାର ସାଧାନ କରିଥାଏ ସେହି ବ୍ୟକ୍ତି ମଧ୍ୟ ମୁସଲିମ୍ ଅଟେ । ଯେଉଁ ବ୍ୟକ୍ତି ନିଜର ପ୍ରତିବେଶୀ ଏବଂ ସଂପର୍କୀୟମାନଙ୍କୁ ଶାନ୍ତି ପ୍ରଦାନ କରିଥାଏ ଏବଂ ଉପଦ୍ରବ ଏବଂ ରକ୍ତପାତ ସେମାନଙ୍କ ଲାଗି ସମସ୍ୟା ସୃଷ୍ଟି କରେ ନାହିଁ ସେହି ବ୍ୟକ୍ତି ମଧ୍ୟ ମୁସଲିମ୍ (ମୁସଲମାନ) ଅଟେ ।

କିନ୍ତୁ ଯେଉଁ ବ୍ୟକ୍ତି ନିଜ ଜାତି, ସଂପ୍ରଦାୟ, ବନ୍ଧୁ ପରିଜନ, ସଂପର୍କୀୟ ଓ ଆତ୍ମୀୟ ସ୍ୱଜନମାନଙ୍କ ପ୍ରତି ବିରୁଦ୍ଧାଚରଣ (ଅନିଷ୍ଟ ସାଧନ) କରେ ତେବେ ସେହି ବ୍ୟକ୍ତି ଅଣମୁସଲମାନ ଅଟେ । ସେହି ବ୍ୟକ୍ତି ଦିବା ରାତ୍ର ନିଜକୁ ମୁସଲମାନ ବୋଲାଉ ପଛେ କିନ୍ତୁ ସେହି ବ୍ୟକ୍ତି ମୁସଲମାନ ହୋଇପାରିବ ନାହିଁ । ନାମ ସହିତ (ନାମ କହିବା ଦ୍ୱାରା) କୌଣସି ବସ୍ତୁ ପରିବର୍ତ୍ତିତ ହୋଇଯାଇ ନଥାଏ । ଆମେମାନେ ଏହା ଅବଲୋକନ କରିଥାଉ ଯେ, ଛୋଟ ଛୋଟ ପିଲାମାନେ ବଳେ ବେଳେ ଏପରି ଅବସ୍ଥାରେ କି ସେମାନଙ୍କ ହାତରେ କୌଣସି ବସ୍ତୁ ହୋଇ ନଥାଏ । ସେମାନେ (ଛୋଟ ପିଲାମାନେ) ଖେଳ ଖେଳରେ ଅନ୍ୟ ପିଲାମାନଙ୍କ ହସ୍ତରେ କୌଣସି ଜିନିଷ ରଖି ଦେଇଥାଆନ୍ତି । କିନ୍ତୁ ସେହି ପିଲାମାନଙ୍କ ହସ୍ତରେ କୌଣସି ଜିନିଷ ନଥାଏ । ତଥାପି ସେହି ପିଲାମାନେ ଅନ୍ୟ ପିଲା ହାତରେ ନିଜ ହାତ ରଖି ଦେଇ କୁହନ୍ତି, ହେଇ ନିଅ ମୁଁ ତୁମ ହସ୍ତରେ ଆମ୍ବ ଦେଇ ଦେଉଛି, ତୁମେ ଉକ୍ତ ଫଳକୁ ସେବନ (ଖାଇ) ନିଅ । କିନ୍ତୁ ସେହି ପିଲାମାନଙ୍କ ହସ୍ତରେ କିଛି ଫଳ କି କିଛି ଜିନିଷ ନଥାଏ। ବର୍ତ୍ତମାନ ପିଲାମାନଙ୍କର ଏପରି କୃତ୍ୟ ଥଟ୍ଟା ପରିହାସ ସ୍ୱରୂପ କାମ ଦେଇଥାଏ । ଏହି ଲାଭ ହୋଇ ପାରିବ ଯେ, ମାତା ପିତା କିମ୍ବା ଭାଇ ଭଉଣୀମାନେ ଛୋଟ ପିଲାର ଏପରି କୃତ୍ୟକୁ ଦେଖି ହସି ଦେଇ ପାରନ୍ତି କିମ୍ବା ଯେଉଁ ପିଲା ହାତରେ ଉକ୍ତ କଳ୍ପିତ ଫଳଟି ରଖି ଦିଆଯାଇଥାଏ ସେହି ପିଲାଟି ହସି ଦେଇପାରେ ଓ ସେହି ପିଲା ଏହା ମନେକରିବ ଯେ, ଫଳ ରଖିଥିବା ପିଲାଟି ମୋ ସହିତ ଥଟ୍ଟା ପରିହାସ କରୁଛି । କିନ୍ତୁ ତହିଁରୁ କୌଣସି ପ୍ରକୃତ ଲାଭ ମିଳି ପାରିବ ନାହିଁ । କାଳ୍ପନିକ ରୂପେ ତୁମେମାନେ ଯେକୌଣସି ବ୍ୟକ୍ତିକୁ ସମ୍ରାଟତ୍ୱ ଆଖ୍ୟା ମଧ୍ୟ ଦେଇଦିଅ ପଛେ ସେସ୍ଥିତିରେ ସେହି ବ୍ୟକ୍ତିର ଅବସ୍ଥାରେ କୌଣସି ପରିବର୍ତ୍ତନ ସୃଷ୍ଟି ହେବ ନାହିଁ । କିନ୍ତୁ ବାସ୍ତବିକ ରୂପେ ଯଦି ତୁମେମାନେ କୌଣସି ବ୍ୟକ୍ତିକୁ ଟଙ୍କା ଟିଏ ବି ଦେଇ ଦିଅ ତେବେ ସେହି ବ୍ୟକ୍ତି ତହିଁରୁ ଲାଭାନ୍ୱିତ ହୋଇଯିବ। ସମାବସ୍ଥା ବିଶ୍ୱାସର ମଧ୍ୟ ରହିଛି । ଠିକ୍ ସେହିପିର ଯଦି କୌଣସି ବ୍ୟକ୍ତି କେବଳ ଇସ୍‌ଲାମ୍ ଧର୍ମ ନାମରେ କାମ ଆଦାୟ କରେ ତେବେ ସେ ସଂସାରକୁ କୌଣସି ଲାଭ ପହଞ୍ଚାଇ ପାରିବ ନାହିଁ କି ସଂସାରର କୌଣସି ଉପକାର ସାଧନ କରି ପାରିବ ନାହିଁ । କିନ୍ତୁ ସେ ଯଦି ଇସ୍‌ଲାମ୍ ଧର୍ମର ଭାବାର୍ଥ ଅନୁଯାୟୀ ତିଳେମାତ୍ର କୌଣସି କାର୍ଯ୍ୟ କରେ ତେବେ ସେ ଅନେକ କିଛି ଲାଭ ପ୍ରାପ୍ତ କରିପାରିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ପ୍ରକୃତଲାଭ ମଧ୍ୟ ପହଞ୍ଚାଇ ପାରିବ ଓ ଅନ୍ୟମାନଙ୍କର ଉପକାର ମଧ୍ୟ ସାଧାନ କରି ପାରିବ । **(ତଫ୍‌ସିର୍ କବିର୍, ଭାଗ-6, ପୃ-109-110, ପ୍ରକାଶନ ସ୍ଥାନ-2010 ମସିହା)**

☆--☆--☆

## ବିଗତ ସଂଖ୍ୟା-19 ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

ସେ ଯାହା ହେଉ ଉକ୍ତ ଅର୍ଥରାଶିଟି ସେହି ସମୟରେ ବହୁତ ବଡ଼ ଅର୍ଥରାଶି ଥିଲା । ଯେତେବେଳେ ହ. ମସିହ୍ ମଉଦ୍ ଅ.ସ ଏହି ଘୋଷଣା କଲେ ଏବଂ ଏପରି ପୁସ୍ତକ ପ୍ରକାଶିତ କଲେ ସେତେବେଳେ ଯାଇ ମୁସଲମାନମାନଙ୍କ ମନରେ କିଛିଟା ସାହସ ସୃଷ୍ଟି ହେଲା ଏବଂ ଦମ୍ଭ ପଶିଲା ଯେ, ହଁ ହଁ ଇସ୍‌ଲାମ୍ ଧର୍ମ ଏକ ବଳିଷ୍ଠ ଧର୍ମ ଅଟେ ଏବଂ ଶେଷ ଧର୍ମ ଅଟେ । ଆମମାନଙ୍କୁ ଚିନ୍ତା କରିବାର କୌଣସି **(ଅବଶିଷ୍ଟାଂଶ ପୃ-12ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଉକ୍ତ ରମ୍‌ଜାନ ମାସରେ ଯେଉଁଠି ଆମେମାନେ ଏହି ଶପଥ ତଥା ଅଙ୍ଗୀକାର କରିଛେ କି ଆମେମାନେ ଉପାସନା ପ୍ରତି ବିଶେଷ ଧ୍ୟାନ ଦେବୁ ଓ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରତି ମଧ୍ୟ ଆମେମାନେ ଧ୍ୟାନ ଦେବୁ । ଆମେମାନେ ପୁଣ୍ୟାବଳୀ ସମ୍ପାଦନ କରିବା ପ୍ରତି ମଧ୍ୟ ଧ୍ୟାନ ଦେବୁ । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ସଂପ୍ରସାରିତ କରିବା ଦିଗରେ ମଧ୍ୟ ଆମେମାନେ ଧ୍ୟାନ ଦେବୁ । ଅତଏବ୍ ଏଥି ନିମନ୍ତେ ଆମମାନଙ୍କୁ ଉଦ୍ୟମ ମଧ୍ୟ କରିବାକୁ ହେବ । ଉକ୍ତ ଉଦ୍ୟମ ତଥା ପ୍ରୟାସ କେବଳ ଏହି ରମ୍‌ଜାନ୍ ମାସରେ ସମାପ୍ତ ହେବା ଉଚିତ୍ ନୁହଁ । ବରଂ ବର୍ଷ ବର୍ଷ ଧରି ଅବ୍ୟାହତ ରହିବା ଉଚିତ୍ ।

ଅଲ୍ଲାଃତାଲା ଆମମାନଙ୍କୁ ଏହି ଉପଦେଶ ଦେଇଛନ୍ତି ଓ ଏହି ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ଯେ, ହେ ମୋର ଭକ୍ତଗଣ ! ତୁମେମାନେ ଯଦି ନିୟମିତ ଓ ସ୍ଥାୟୀ ରୂପେ ମୋର ଭକ୍ତ ହେବାକୁ ଚାହୁଁଛ ତେବେ ତୁମମାନଙ୍କୁ ମୋ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରିବା ଉଚିତ୍ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ତୁମେମାନେ କିଶ୍ତି ନୁହ୍‌କୁ ବାରମ୍ବାର ପାଠ କର । ଉକ୍ତ ପୁସ୍ତକରେ ତୁମମାନଙ୍କ ନିମନ୍ତେ ହିତୋପଦେଶାବଳୀମାନ ରହିଛି ଓ ଯେତେବେଳେ ତୁମେମାନେ ଉକ୍ତ ପୁସ୍ତକକୁ ବାରମ୍ବାର ପାଠ କରିବ ଏବଂ ଉପଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବ ତଥା ନିଜର ଜୀବନକୁ ତଦନୁଯାୟୀ ପରିଚାଳିତ କରିବ, ଉକ୍ତ ପୁସ୍ତକରେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଅନୁଯାୟୀ ଆଦେଶାବଳୀ ଉଲ୍ଲିଖିତ ହୋଇଛି । ତେଣୁ ତୁମେମାନେ ଯଦି ଏହି ଆଦେଶବଳୀକୁ ଅବଲୋକନ କରିବ ଏବଂ ଏହା ଉପରେ କାର୍ଯ୍ୟାନୁସରଣ କରିବ ତେବେ ଏହି ଆଦେଶାବଳୀ ହିଁ ତୁମ ଜୀବନର ସଫଳତାର ଗୁରୁମନ୍ତ୍ର ସାବ୍ୟସ୍ତ ହେବ ଓ ଏହି ଆଦେଶବଳୀ ହିଁ ତୁମକୁ ବୈଅତ୍ ସମୟରେ ଲାଭ ପ୍ରଦାନକାରୀ ସାବ୍ୟସ୍ତ ହେବ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ବିନୀତତାପୂର୍ବକ କହିଲେ, ଆମ ଜମାଅତ୍ ଅଲ୍ଲାଃତାଲାଙ୍କ ସମର୍ଥନ କ୍ରମେ ସ୍ଥାପିତ ହୋଇଛି ଏବଂ ଦୁଃଖ କଷ୍ଟ ସହ୍ୟ କରିବା ଦ୍ୱାରା ବିଶ୍ୱାସ ସୁଦୃଢ଼ ହୋଇଯାଇଥାଏ । ଏହି ପୃଥିବୀରେ ଧୈର୍ଯ୍ୟ ପରି କୌଣସି ବସ୍ତୁ ହୋଇ ପାରିବ ନାହିଁ ।

ଆମମାନଙ୍କର ଉପାସନା କେବଳ ରମଜାନ ମାସରେ ଦିନମାନଙ୍କରେ ଉଦ୍ଦିଷ୍ଟ ନୁହେଁ ତ' ? କ'ଣ ଆମେମାନେ ନିଜର ନିୟମିତ ଜୀବନରେ ସେହି ଉପାସନାକୁ ନିଜ ଜୀବନର ଏକ ଅଙ୍ଗ ରୂପେ ବରଣ କରିବାକୁ ଚାହୁଁଛେ କି ଓ ଏହାକୁ ଜୀବନର ଅଭିନ୍ନ ଅଙ୍ଗ ରୂପେ ସ୍ୱୀକାର କରୁଛେ କି ? ଯଦି ଏପରି ନୁହେଁ ତେବେ ସବୁ ବ୍ୟର୍ଥ ଓ ନିରର୍ଥକ ଅଟେ । ଯଦି ଆମେମାନେ ଏପରି କରୁଥିବୁ ଓ ପୁନଶ୍ଚ ଧୈର୍ଯ୍ୟ ମାଧ୍ୟମରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଭିକ୍ଷା କରୁଥିବୁ ଓ ତାହାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରୁଥିବୁ ତେବେ ଅଲ୍ଲାଃତାଲା ଆମମାନଙ୍କୁ ଶତ୍ରୁ ଠାରୁ ମଧ୍ୟ ରକ୍ଷା କରିବେ ଓ ଶତ୍ରୁ ଠାରୁ ଆମମାନଙ୍କୁ ମୁକ୍ତି ମଧ୍ୟ ପ୍ରଦାନ କରିବେ । ପୁନଶ୍ଚ ତୁମେମାନେ ଅବଲୋକନ (ଦେଖିବ) କରିବ ଯେ, ଅଲ୍ଲାଃତାଲା ତୁମମାନଙ୍କୁ ସେହି ବିପତ୍ତି ଏବଂ ଦୁଃଖ ଓ ସମସ୍ୟାରୁ କିପରି ବଞ୍ଚାଇବେ ।

ଆମ ଜମାଅତ୍ ନିମନ୍ତେ ଏହା ଆବଶ୍ୟକ ଯେ, ଜମାଅତ୍‌କୁ ଘଟଣାବହୁଳ ଦ୍ୱାରା ପରିପୂର୍ଣ୍ଣ ବିପଦ ସମୟରେ ଯେତେବେଳେ ଚତୁର୍ଦ୍ଦିଗରେ କେବଳ ମାର୍ଗଭ୍ରଷ୍ଟତା ଏବଂ ଅବଚେତନତାର ପବନ ବହୁଛି ତେଣୁ ଆପଣମାନେ ଧର୍ମପରାୟଣତା ଅବଲମ୍ବନ କରନ୍ତୁ ।.................. ଯୁବ ପିଢ଼ୀମାନେ ମଧ୍ୟ, ବୟସ୍କ ବ୍ୟକ୍ତିମାନେ ମଧ୍ୟ, ମହିଳାମାନେ ମଧ୍ୟ, ଛୋଟ ପିଲାମାନେ ମଧ୍ୟ ପ୍ରତ୍ୟେକଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ।

ମୋ ହସ୍ତରେ ବୈଅତ୍ କରି କ୍ଷମା ଯାଚନା କରିବା ଏକ ମୃତ୍ୟୁକୁ ଆଶା କରିଥାଏ । କାରଣ ତୁମେମାନେ ନୂତନ ଜୀବନରେ ଆଉ ଏକ ଜନ୍ମ ପ୍ରାପ୍ତ କରିପାରିବ ।
(ହ. ମସିହ୍ ମଉଦ୍ ଅ.ସ)

**ପବିତ୍ର ରମଜାନୁଲ୍ ମୁବାରକ୍ ମାସର ଉପଲକ୍ଷେ ମସିହ୍ ମଉଦ୍ ଅ.ସଙ୍କ ତାତ୍ତ୍ୱିକପୂର୍ଣ୍ଣ ଆଦେଶାବଳୀର ପ୍ରକାଶରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ହୁଜୁର ଅନୱର୍ ଅ.ବଙ୍କ ବହୁମୂଲ୍ୟ ଉପଦେଶ**

**28 MARCH 2025 ମସିହା ଅନୁଯାୟୀ ୨୮ ଅମାନ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କଲେ ଯେ, ଆମେମାନେ ଏହି ରମ୍‌ଜାନ୍ ମାସ ଦେଇ ଅତିକ୍ରମ କଲୁ ଏବଂ ଆଜି ରମଜାନ୍ ମାସର ଶେଷ ଜୁମା (ଶୁକ୍ରବାର ଦିନ) ଅଟେ । ଅଲ୍ଲାଃତାଲାଙ୍କ ଏହି କୃପା ଏବଂ ଏହି ଉପକାର ରହିଛି ଯେ, ଆମେମାନଙ୍କ ମଧ୍ୟରୁ ଅନେକ ଲୋକମାନଙ୍କୁ ଅଲ୍ଲାଃତାଲା ଉପସନା କରିବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରଦାନ କଲେ ଓ ରୋଜା (ଓ୍ୱଷା) ରଖିବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରଦାନ କଲେ । କିନ୍ତୁ ତତ୍‌ସହିତ ଆମମାନଙ୍କୁ ଏଥି ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେ, କେବଳ ରମ୍‌ଜାନ୍ ମାସର ରୋଜା ରଖିଦେବା ଦ୍ୱାରା କିମ୍ବା ଉପାସନା କରିବା ଦ୍ୱାରା ରମ୍‌ଜାନ୍ ମାସରେ ଆମମାନଙ୍କର ଅଭିପ୍ରାୟ ପୂର୍ଣ୍ଣ ଏବଂ ସାର୍ଥକ ହୋଇଯାଏ ନାହିଁ । ବରଂ ଅଲ୍ଲାଃତତାଲା ଆମମାନଙ୍କୁ ଏହି ଉପଦେଶ ଦେଇଛନ୍ତି ତଥା ଏହି ମାର୍ଗଦର୍ଶନ ପ୍ରଦାନ କରିଛନ୍ତି ଯେ, ତୁମେମାନେ ନିୟମିତ ରୂପେ ମୋର ଉପାସକ ଏବଂ ଭକ୍ତ ହୋଇ ରହିବ ଏବଂ ମୋର ଉପାସନାର କର୍ତ୍ତବ୍ୟ ନିର୍ବାହ କରିବା ପ୍ରତି ମଧ୍ୟ ଉଦ୍ୟମ କରିବା ଉଚିତ୍ । ଅତଏବ୍ ଏହି ଦିନମାନଙ୍କରେ ଯେଉଁ ଲୋକମାନଙ୍କୁ ସାମର୍ଥ୍ୟ ପ୍ରାପ୍ତ ହୋଇଥାଏ ସେମାନେ ନମାଜ୍ ପାଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ, ବାଜମାଅତ୍ (ସାମୂହିକ ରୂପେ ପାଠ କରାଯାଉଥିବା ନମାଜ) ନମାଜ୍ ପାଠ କରିବା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ, ନୱାଫିଲ୍ ନମାଜ୍ ପାଠ କରିବା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ, ପବିତ୍ର କୁରଆନ୍ କରୀମ୍ ପାଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ ଓ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନଙ୍କର ବର୍ତ୍ତମାନ ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ସେହି ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ (ଜାରି) ରଖନ୍ତୁ (ପୁଣ୍ୟାବଳୀ ଜାରି) ରଖନ୍ତୁ । ଆମେ ଯଦି ଏହି ପୁଣ୍ୟାବଳୀଗୁଡ଼ିକ ଜାରି ରଖିବୁ ତେବେ ଯେଉଁ ଅଭିପ୍ରାୟ ଅଲ୍ଲାଃତାଲା ମନୁଷ୍ୟର ଜନ୍ମର ଅଭିପ୍ରାୟ ରୂପେ ଦର୍ଶାଇଛନ୍ତି ଆମେମାନେ ସେହି ଅଭିପ୍ରାୟକୁ ଚରିତାର୍ଥ ଓ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ । ସାଂପ୍ରତିକ କାଳରେ ଆମେମାନେ ଆଁହଜରତ ସ.ଅ, ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ହସ୍ତରେ (ହାତରେ) ବୈଅତ୍ କରି ଉକ୍ତ ଶପଥକୁ ନୂତନତ୍ୱ ପ୍ରଦାନ କରିଛୁ । ଅତଏବ୍ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆମମାନଙ୍କୁ ନିଜର ସକଳ ଉଦ୍ୟମକୁ ଅବ୍ୟାହତ ରଖିବା ଉଚିତ୍ । ଆଜି ଓ ରମ୍‌ଜାନ୍‌ର ଆଉ ଯେଉଁ ଦୁଇ ତିନି ଦିନ ରହିଛି ତହିଁରେ ମଧ୍ୟ ଏହି ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କୁ ଏହି ରମ୍‌ଜାନ୍ ମାସର କଲ୍ୟାଣରୁ ଭବିଷ୍ୟତରେ ମଧ୍ୟ ସେହି ପୁଣ୍ୟାବଳୀଗୁଡ଼ିକୁ ଜାରି

ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେଉଁ ପୁଣ୍ୟାବଳୀଗୁଡ଼ିକୁ ଆମେମାନେ ଅଲ୍ଲାଃତାଲାଙ୍କ ଆଦେଶାନୁକ୍ରମେ ପାଳନ କରି ଆସୁଛେ ସେହି ପୁଣ୍ୟାବଳୀଗୁଡ଼ିକୁ ଆମେମାନେ ରମଜାନ୍ ମାସ ପରେ ଭୁଲିଯିବା ଉଚିତ୍ ନୁହଁ । କାରଣ ଆଁହଜରତ୍ ସ.ଅଙ୍କ ଏହି ଆଦେଶ ରିହଛି ଯେ, ବିଶ୍ୱାସକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଗୋଟିଏ ନମାଜ ପରେ ଅନ୍ୟ ନମାଜ ପାଇଁ ଚିନ୍ତିତ ଥାଏ ଏବଂ ଗୋଟିଏ ଜୁମାରୁ ଅନ୍ୟ ଜୁମା ପର୍ଯ୍ୟନ୍ତ ଚିନ୍ତିତ ଥାଏ । ଗୋଟିଏ ରମଜାନ୍ ମାସରୁ ଅନ୍ୟ ମରମଜାନ୍ ମାସ ପର୍ଯ୍ୟନ୍ତ ଚିନ୍ତିତ ଥାଏ । ଅର୍ଥାତ୍ ବିଶ୍ୱାସକାରୀ ବ୍ୟକ୍ତି ଅପେକ୍ଷା କିରଥାଏ ଯେ, ସେହି ନମାଜ ଏବଂ ସେହି ନମାଜେ ଜୁମା ଓ ସେହି ରମଜାନ ମାସ ଆସୁ ମୁଁ ସେହି ସବୁ ଉପାସନା ସମ୍ପାଦନ କରିବି ଓ ଇତି ମଧ୍ୟରେ ମୁଁ ସେହି ପୁଣ୍ୟାବଳୀ ମଧ୍ୟ ସମ୍ପାଦନ କରୁଥିବି ଯେଉଁ ପୁଣ୍ୟାବଳୀ ସମ୍ପାଦନ କରିବା ନିମନ୍ତେ ଅଲ୍ଲାଃତାଲା ମୋତେ ଆଦେଶ ଦେଇଛନ୍ତି । ଉକ୍ତ ଅବଧି ମଧ୍ୟରେ ବ୍ୟକ୍ତି ଦ୍ୱାରା ଛୋଟ ଛୋଟ ଭୁଲ୍ ଭଟକା ଓ ପାପ ମଧ୍ୟ ହୋଇଯାଇଥାଏ । ତେଣୁ ଏହି ଉପାସନା ସେହି ସବୁ ଦୋଷ ତ୍ରୁଟି ଏବଂ ପାପର କ୍ଷତି ଭରଣା କରି ଦେଇଥାଏ । ଅତଏବ୍ ଆଁହଜରତ ସ.ଅ କହିଲେ, ଏହି ଉପାସନା କ୍ଷତି ଭରଣା ହୋଇ ଯାଇଥାଏ । **(ସହି ମୁସଲିମ୍ କିତାବୁତ୍ ତାହାରତା, ବାବ୍- ଅସ୍ସଲାତୁଲ୍ ଖମ୍ସି...... ହଦିସ୍ ସଂଖ୍ୟା-233)**

ଅତଏବ୍ ଯେପରି ରମ୍ଜାନ୍ ମାସ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ଠିକ୍ ସେହିପରି ପ୍ରତ୍ୟେକ ନମାଜ୍ ଓ ପ୍ରତ୍ୟେକ ଜୁମା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ନୁହେଁ ଯେ, ରମ୍ଜାନ ମାସର ଶେଷ ଜୁମା ଅତି କଲ୍ୟାଣମୟ ଅଟେ । ନା ଏପରି ନୁହଁ । ବରଂ ପ୍ରତ୍ୟେକ ଜୁମା (ଶୁକ୍ରବାର) କଲ୍ୟାଣମୟ ଅଟେ । ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ପ୍ରେରଣ କଲେ ଏବଂ ଆମମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା । ଆପଣ ଅ.ସ ନିଜ ଜମାଅତ୍‌କୁ ଅସଂଖ୍ୟ ଉପଦେଶ ଦେଲେ ଯେ, କିପରି ତୁମେମାନେ ପ୍ରକୃତ ମୁସଲମାନ ହୋଇ ପାରିବ, କିପରି ପ୍ରକୃତ ରୂପେ ଅଲ୍ଲାଃତାଲାଙ୍କ ଭକ୍ତ ହୋଇ ପାରିବ, କିପରି ଆଁହଜରତ ସ.ଅଙ୍କ ସଂପ୍ରଦାୟର ସଦସ୍ୟ ହୋଇ ପାରିବ ? ଅତଏବ୍ ଏହିସବୁ କଥାକୁ ଆମମାନଙ୍କୁ ମନେରଖିବା ଉଚିତ୍ । ଏକ ଅବସରରେ ଆପଣ ଅ.ସ ଉପଦେଶ ଦେଇ କହିଲେ, ମୁଁ ତ' ଅନେକଥର ନିଜର ଜମାଅତ୍‌କୁ କହିଛି ଯେ, ତୁମେମାନେ ମୋର ଏହି ବୈଅତ୍ ଉପରେ ହିଁ ଭରସା କର ନାହିଁ । ଯେପର୍ଯ୍ୟନ୍ତ ତୁମେମାନେ ଏହି ବୈଅତ୍‌ର ସତ୍ୟତା ପର୍ଯ୍ୟନ୍ତ ପହଞ୍ଚି ଯାଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ମୋକ୍ଷ ପ୍ରାପ୍ତ କରି ପାରିବ ନାହିଁ । ଚୋପା ଉପରେ ଧୈର୍ଯ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତି ମଞ୍ଜି ଠାରୁ ବଞ୍ଚିତ ରହିଥାଏ । ଯେପର୍ଯ୍ୟନ୍ତ ଶିଷ୍ୟ ନିଜେ କାର୍ଯ୍ୟକର୍ତ୍ତା ପାଲଟି ଯାଇ ନାହିଁ ସେପର୍ଯ୍ୟନ୍ତ ସେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ହୋଇ ପାରିବ ନାହିଁ । ଯଦି କାର୍ଯ୍ୟକର୍ତ୍ତା ନାହିଁ ତେବେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ମଧ୍ୟ ହୋଇପାରିବ ନାହିଁ । ଶିଷ୍ୟ ଯେପର୍ଯ୍ୟନ୍ତ ଗୁରୁଙ୍କ ଆଦେଶାବଳୀକୁ କାର୍ଯ୍ୟକାରୀ କରି ନାହିଁ ସେପର୍ଯ୍ୟନ୍ତ ଗୁରୁଙ୍କ ଉପଦେଶ ଓ ଗୁରୁଙ୍କ ଗୁରୁ ହେବା ଶିଷ୍ୟକୁ କୌଣସି ଲାଭ ଦେଇ ନଥାଏ । ଏହା କହି ଦେବା କି ମୁଁ ଅମକ ଗୁରୁରଙ୍କ ବୈଅତ୍ (ଦୀକ୍ଷା) କରି ନେଇଛି । ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ସାମିଲ୍ ହୋଇଯାଇଛି ତେଣୁ ମୋତେ ବର୍ତ୍ତମାନ ବହୁତ କିଛି ମିଳିଯାଇଛି । ତେଣୁ ଆପଣ ଅ.ସ କହିଲେ ନା ନା ଏପରି ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ଆମେମାନେ ସ୍ୱୟଂ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ହୋଇ ନାହୁଁ ସେପର୍ଯ୍ୟନ୍ତ ଏହି ବୈଅତ୍ ଆମମାନଙ୍କୁ କୌଣସି ଲାଭ ଦେଇ ପାରିବ ନାହିଁ ।

ହୁଜୁର ଅ.ସ କହିଲେ, ଉକ୍ତ କଥାର ଉଦାହରଣ ଏହିପରି ଯେପରିକି ଜଣେ ରୋଗୀ ଡାକ୍ତର ପାଖକୁ ଯେତେବେଳେ ଯାଏ ସେତେବେଳେ ଡାକ୍ତର ଜଣକ ଯେତେବେଳେ ପ୍ରେସ୍କ୍ରିପସନ (ବ୍ୟବସ୍ଥା ପତ୍ର)ରେ ଔଷଧ ଲେଖିଦିଏ ଏବଂ ରୋଗୀ ସେହି ଔଷଧକୁ ନେଇ ନିଜ ଘରେ ରଖିଦିଏ କିନ୍ତୁ ସେବନ କରେ ନାହିଁ ତେବେ ସେପରିପ୍ରେକ୍ଷୀରେ ରୋଗୀକୁ ଔଷଧ କିଛି ଲାଭ ପହଞ୍ଚାଇ ପାରିବ ନାହିଁ । ଲାଭ ତ' ସେହି ସ୍ଥଳେ ହେବ ଯେତେବେଳେ ରୋଗୀ ଡାକ୍ତରଙ୍କର ସେହି ପଥ୍ୟ ଅର୍ଥାତ୍ ଔଷଧରୁ ଉପକୃତ ହେଉଥିବ । ଅର୍ଥାତ୍ ଔଷଧ ସେବନ କରୁଥିବ । ଅତଏବ୍ ହ. ମସିହ୍ ମଉଦ୍ ଅ.ସ କହିଲେ, ମୁଁ "**କିଶ୍ତି ନୁହ୍ ନାମକ**" ଏକ ପୁସ୍ତକ ରଚନା କରିଛି । ଏହି ପୁସ୍ତକକୁ ତୁମେମାନେ ବରାମ୍ବାର ପଢ । ଉକ୍ତ ପୁସ୍ତକରେ ତୁମମାନଙ୍କ ନିମନ୍ତେ ଉପଦେଶାବଳୀମାନ ରହିଛି ଓ ଯେତେବେଳେ ତୁମେମାନେ ଉକ୍ତ ପୁସ୍ତକକୁ ବାରମ୍ବାର ପାଠ କରିବ ଏବଂ ଉପଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବ ତଥା ନିଜର ଜୀବନକୁ ତଦନୁଯାୟୀ ପରିଚାଳିତ କରିବ, ଉକ୍ତ ପୁସ୍ତକରେ ଉଲ୍ଲିଖିତ ଥିବା ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଅନୁଯାୟୀ ନିଜକୁ ପରିଚାଳିତ କରୁଥିବ । ତେଣୁ ତୁମେମାନେ ଯଦି ଏହି ଆଦେଶବଳୀକୁ ଅବଲୋକନ କରିବ ଏବଂ ଏହା ଉପରେ କାର୍ଯ୍ୟାନୁସରଣ କରିବ ତେବେ ଏହି ଆଦେଶାବଳୀ ହିଁ ତୁମ ଜୀବନର ସଫଳତାର ଗୁରୁମନ୍ତ୍ର ସାବ୍ୟସ୍ତ ହେବ ଓ ଏହି ଆଦେଶବଳୀ ହିଁ ତୁମକୁ ବୈଅତ୍ ସମୟରେ ଲାଭ ପ୍ରଦାନକାରୀ ସାବ୍ୟସ୍ତ ହେବ ।

ଆପଣ ଅ.ସ କହୁନ୍ତି: "ଅଲ୍ଲାଃତାଲା କୁହନ୍ତି: ଯେଉଁ ବ୍ୟକ୍ତି ପବିତ୍ରତା ଓ ଧର୍ମପରାୟଣତା ଅବଲମ୍ବନ କରିବ ସେହି ବ୍ୟକ୍ତି ଅବଶ୍ୟ ସଫଳ ଏବଂ କୃତକାର୍ଯ୍ୟ ହେବ । ଅର୍ଥାତ୍ قَدْ أَفْلَحَ مَنْ زَكَّاهَا **(ଅଶ୍ ଶମଶ୍: 10)** ଅର୍ଥାତ୍ ଯେକେହି ନିଜର ଆତ୍ମାକୁ ପବିତ୍ର କରେ ସେ ନିଜର ଲକ୍ଷ୍ୟକୁ ଅବଶ୍ୟ ହାସଲ କରି ନେଇଥାଏ। ଅତଏବ୍ ତୁମେମାନେ (ହ. ମସିହ୍ ମଉଦ୍ ଅ.ସ ଜମାଅତର ସଦସ୍ୟ ବୃନ୍ଦଙ୍କୁ କହୁଛନ୍ତି) ଯେତେବେଳେ ଏହା ଉପରେ କାର୍ଯ୍ୟାନୁସରଣ କରିବ ସେତେବେଳେ ତୁମେମାନେ ତହିଁରୁ ଲାଭ ମିଳିବ । ଆପଣ ଅ.ସ ଉଦାହରଣ ଦେଇ କୁହନ୍ତି: "ସହସ୍ର ସହସ୍ର (ହଜାର ହଜାର) ଚୋର ଅଛନ୍ତି, ବ୍ୟାଭିଚାରୀ ବ୍ୟକ୍ତି ଅଛନ୍ତି, କୁକର୍ମକାରୀ ବ୍ୟକ୍ତି ଅଛନ୍ତି, ମଦ୍ୟପ (ମଦୁଆ) ବ୍ୟକ୍ତି ଅଛନ୍ତି, ବଦ୍‌ମାଶ୍ ଅଛନ୍ତି ସେମାନେ ଏହି ଦାବି କରନ୍ତି ଯେ, ଆମେମାନେ ଆଁହଜରତ ସ.ଅଙ୍କ ସଂପ୍ରଦାୟ ଅନ୍ତର୍ଭୁକ୍ତ ଅଟୁ । କିନ୍ତୁ କ'ଣ ସେମାନେ ପ୍ରକୃତରେ ଏପରି ଅଟନ୍ତି କି ? କ'ଣ ସେମାନେ ଉକ୍ତ କଥାର ଅଧିକାରୀ କି ସେମାନେ ନିଜକୁ ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀ ରୂପେ ବୋଲାଇ ପାରିବେ ? ଆପଣ ଅ.ସ କହିଲେ, କାଦିପ ନୁହଁ । ଏପରି ହୋଇ ପାରିବ ନାହିଁ। ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀ ହେଉଛନ୍ତି ସେହିମାନେ ଯେଉଁମାନେ ଆପଣ ସ.ଅଙ୍କ ଶିକ୍ଷା ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରୁଛନ୍ତି ।"**(ମଲ୍‌ଫୁଜାତ୍, ଭାଗ-4, ପୃ-232-233, ସଂସ୍କରଣ ବା ପ୍ରକାଶନ ବର୍ଷ-1984 ମସିହା)**

ତେଣୁ ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରୁ ନାହିଁ ତେବେ ସେହି ବ୍ୟକ୍ତି ନିଜକୁ ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀ ବୋଲାଇବାକୁ କଦାପି ପଦବାଚ୍ୟ ଓ ଯୋଗ୍ୟ ବିବେଚିତ ହୋଇପାରିବ ନାହିଁ । ତେଣୁ ଆଁହଜରତ ସ.ଅଙ୍କ ଶିକ୍ଷା ଉପରେ ଯେଉଁ ବ୍ୟକ୍ତି ପରିଚାଳିତ ହୁଏ ନାହିଁ ସେହି ବ୍ୟକ୍ତି ଆଁହଜରତ ସ.ଅଙ୍କୁ ବଦ୍‌ନାମ କରିଥାଏ । ଅତଏବ୍ ଏହି କଥାକୁ ସର୍ବଦା ମନେରଖିବା ଉଚିତ୍ ଯେ, ଯେଉଁଗୁଡ଼ିକ ଇସ୍‌ଲାମୀୟ ଶିକ୍ଷା ରହିଛି, ଯେଉଁଗୁଡ଼ିକ ଅଲ୍ଲାଃତାଲାଙ୍କ ଆଦେଶାବଳୀ ରହିଛି, ଯେଉଁ ଆଦେଶାବଳୀକୁ ସମ୍ପାଦନ ଓ କାର୍ଯ୍ୟାକାରୀ କରିବା ନିମନ୍ତେ ଆଁହଜରତ ସ.ଅ ଆମମାନଙ୍କୁ ଆଦେଶ ଦେଇଛନ୍ତି ଓ ଯେଉଁ ଆଦେଶାବଳୀକୁ କାର୍ଯ୍ୟାକାରୀ କରିବା ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି ତାହାକୁ ସମ୍ପାଦନ କରିବା ନିମନ୍ତେ ଆମେମାନେ ନିଜର କର୍ମକୁ ତଦନୁଯାୟୀ କରିବାକୁ ହେବ । ଏକ ସ୍ଥଳେ ଆପଣ ଆପଣ ଅ.ସ କହିଲେ, "ହେ ମୋର ସଦସ୍ୟମାନେ ତୁମେମାନେ ଯେତେବେଳେ ମୋ ଜମାଅତ୍‌ରେ ପ୍ରବିଷ୍ଟ ହୋଇଅଛ ସେତେବେଳ ତୁମେମାନେ ଜମାଅତ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କର । ଜମାଅତରେ ପ୍ରବିଷ୍ଟ ହେବା ପରେ ତୁମମାନଙ୍କୁ ଦୁଃଖ କଷ୍ଟ ମଧ୍ୟ ସହ୍ୟ କରିବାକୁ ପଡ଼ିବ । ଯଦି ଦୁଃଖ କଷ୍ଟ ସହ୍ୟ ନକର ତେବେ ପୁଣ୍ୟ କିପରି ସମ୍ଭବପର ? (ଏଠାରେ ଏହି ଲୋକୋକ୍ତି ପ୍ରଯୁଜ୍ୟ ଯେ, କଷ୍ଟ ନକଲେ କୃଷ୍ଣ ମିଳେ ନାହିଁ) । ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ଦୀର୍ଘ 13 ବର୍ଷ କାଳ ପର୍ଯ୍ୟନ୍ତ ମକ୍କାରେ ଦୁଃଖ କଷ୍ଟ ସହ୍ୟ କଲେ । ତୁମେମାନେ ତ' ଜାଣି ନାହଁ ଯେ, ସେହି ଯୁଗର ଦୁଃଖ କଷ୍ଟ କିପରିକା ଥିଲା ? ସୁତରାଂ ସର୍ବଦା ମନେରଖ ଯେ, ଦୁଃଖ କଷ୍ଟ ତ' ପହଞ୍ଚିଥାଏ । କିନ୍ତୁ ଯେତେବେଳେ ମକ୍କାରେ ସାହାବାମାନଙ୍କୁ ଓ ଆଁହଜରତ ସ.ଅଙ୍କୁ ଦୁଃଖ କଷ୍ଟ ତଥା ନିର୍ଯାତନା ଦିଆଯାଉଥିଲା ସେତେବେଳେ ମଧ୍ୟ ଆଁହଜରତ ସ.ଅ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଶିକ୍ଷା ପ୍ରଦାନ କରିଥିଲେ। ସେହି ଧୈର୍ଯ୍ୟର ପରିଣାମ ଏହା ବାହାରିଲା କି ଶତ୍ରୁକୂଳ ଧ୍ୱଂସ ହୋଇଗଲା । ଦେଖ! ଏ ଯେଉଁ ଖଳ ଓ ବଦ୍‌ମାଶ୍ ପ୍ରକାରର ଲୋକ ଅଟନ୍ତି ଯେଉଁମାନେ ତୁମମାନଙ୍କର ବିରୋଧ କରନ୍ତି । ଏମାନେ ମଧ୍ୟ ସେତେବେଳ ପର୍ଯ୍ୟନ୍ତ ଆଉ ଦେଖିବାକୁ ମିଳିବେ ନାହିଁ । ଆଜିକାଲି ମଧ୍ୟ ଏହି ପରିସ୍ଥିତି ରହିଛି ।

ଅଲ୍ଲାଃତାଲା ଏହା ଚାହିଁଛନ୍ତି ଯେ, ସେ ଏହି ଜମାଅତ୍‌କୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରାଇଦେବେ । ଏହି ବିରୋଧୀମାନେ ତୁମମାନଙ୍କୁ ସ୍ୱଳ୍ପ ସଂଖ୍ୟକ ମନେକରି ଦୁଃଖ ଏବଂ ନିର୍ଯାତନା ଦେଇ ଥାଆନ୍ତି । କିନ୍ତୁ ଯେତେବେଳେ ଜମାଅତ୍‌ର ସଂଖ୍ୟା ବୃଦ୍ଧି ପାଇବ ସେତେବେଳେ ଏହି ବିରୋଧୀମାନେ ସ୍ୱୟଂ ନିରବ ହୋଇଯିବେ । ଏହା ହିଁ ସଂସାରର ସିଦ୍ଧାନ୍ତ, ନିୟମ ଓ ଚରିନ୍ତନ ସତ୍ୟ । ଏହା ହିଁ ଅବତାରମାନଙ୍କ ଜମାଅତ୍‌ର


**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଇତିହାସ ଆମେମାନେ ଅବଲୋକନ କରିଥାଉ। ଯଦି ଅଲ୍ଲାଃତାଲା ଚାହିଁ ଥାଆନ୍ତେ ତେବେ ସେହି ଲୋକମାନେ ଦୁଃଖ ଦେଇ ନଥାଆନ୍ତେ ଏବଂ ଦୁଃଖ ଦେଉଥିବା ଲୋକମାନେ ସୃଷ୍ଟି ହୋଇ ନଥାଆନ୍ତେ। କିନ୍ତୁ ଈଶ୍ୱର ସେମାନଙ୍କ ମାଧ୍ୟମରେ ଆମମାନଙ୍କୁ ଧୈର୍ଯ୍ୟର ପରୀକ୍ଷା କରି ଆମକୁ ଶିକ୍ଷା ପ୍ରଦାନ କରିବାକୁ ଚାହୁଁଛନ୍ତି । ଅଲ୍ଲାଃତାଲା ହିଁ ସକଳ ଶକ୍ତିର ଅଧିକାରୀ ଅଟନ୍ତି ସେ ସେହି ଅତ୍ୟାଚାରୀମାନଙ୍କର ହାତକୁ ଅଟକାଇ ପାରିଥାଆନ୍ତେ । କିନ୍ତୁ ସେ ଆମମାନଙ୍କୁ ମଧ୍ୟ ପରୀକ୍ଷା କରି ଦେଖିବାକୁ ଚାହୁଁଛନ୍ତି ଯେ, ଆମେମାନଙ୍କ ମଧ୍ୟରେ କେତେ ଧୈର୍ଯ୍ୟ ରହିଛି ଓ ଆମେମାନେ ଅଲ୍ଲାଃତାଲାଙ୍କ ସହିତ କେତେଦୂର ପର୍ଯ୍ୟନ୍ତ ସଂପର୍କ ସୃଷ୍ଟି କରିପାରୁଛୁ ? ଆମମାନଙ୍କର ଉପାସନା କେବଳ ରମ୍‌ଜାନ୍ ମାସରେ ଦିନମାନଙ୍କରେ ଉଦ୍ଦିଷ୍ଟ ଏବଂ ସୀମିତ ନୁହେଁ ତ' ? କ'ଣ ଆମେମାନେ ନିଜର ନିୟମିତ ଜୀବନରେ ସେହି ଉପାସନାକୁ ନିଜ ଜୀବନର ଏକ ଅଙ୍ଗ ରୂପେ ବରଣ କରିବାକୁ ଚାହୁଁଛେ କି ଓ ଏହାକୁ ଜୀବନର ଅଭିନ୍ନ ଅଙ୍ଗ ରୂପେ ସ୍ୱୀକାର କରି ନେଇଛେ କି ? ଯଦି ଏପରି ନୁହେଁ ତେବେ ସବୁ ବୃଥା ଅଟେ । ଯଦି ଆମେମାନେ ଏପରି କରୁଥିବୁ ଓ ପୁଣି ଧୈର୍ଯ୍ୟ ମାଧ୍ୟମରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଭିକ୍ଷା କରୁଥିବୁ ଓ ତାହାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରୁଥିବୁ ତେବେ ଅଲ୍ଲାଃତାଲା ଆମମାନଙ୍କୁ ଶତ୍ରୁ ଠାରୁ ମଧ୍ୟ ରକ୍ଷା କରିବେ ଓ ଶତ୍ରୁ ଠାରୁ ଆମମାନଙ୍କୁ ମୁକ୍ତି ମଧ୍ୟ ପ୍ରଦାନ କରିବେ । ପୁନଶ୍ଚ ତୁମେମାନେ ଅବଲୋକନ (ଦେଖିବ) କରିବ ଯେ, ଅଲ୍ଲାଃତାଲା ତୁମମାନଙ୍କୁ ସେହି ବିପତ୍ତି ଏବଂ ଦୁଃଖ ଓ ସମସ୍ୟାରୁକ କିପରି ରକ୍ଷା କରିବେ ତଥା ଉଦ୍ଧାର କରୁଛନ୍ତି ।

ହ. ମସିହ୍ ମଉଦ୍ ଅ.ସ କହିଲେ, ଧୈର୍ଯ୍ୟ ମଧ୍ୟ ଏକ ଉପାସନା ଅଟେ । ଅଲ୍ଲାଃତାଲା କୁହନ୍ତି ଯେ, ଧୈର୍ଯ୍ୟ ପ୍ରଦର୍ଶନକାରୀଙ୍କୁ ସେହି ପ୍ରତିଫଳ ପ୍ରାପ୍ତ ହେବ ଯେଉଁ ପ୍ରତିଫଳର କୌଣସି ହିସାବ ନାହିଁ । ଅର୍ଥାତ୍ ଅସୀମ ପ୍ରତିଫଳ ପ୍ରାପ୍ତ ହେବ। ଅର୍ଥାତ ଧୈର୍ଯ୍ୟ ପ୍ରଦର୍ଶନକାରୀଙ୍କ ଉପରେ ଅଜସ୍ର ପୁରସ୍କାର ଓ କୃପା ବୃଷ୍ଟି ହୋଇଥାଏ। ଉକ୍ତ ପ୍ରତିଫଳ କେବଳ ଧୈର୍ଯ୍ୟ ପ୍ରଦର୍ଶନକାରୀଙ୍କ ସକାଶେ ହିଁ ଉଦ୍ଦିଷ୍ଟ ଅଟେ । ଅନ୍ୟ ଉପାସନା ନିମନ୍ତେ ଅଲ୍ଲାଃତାଲାଙ୍କର ଉକ୍ତ ପ୍ରତିଶୃତି ନାହିଁ । ଯେତେବେଳେ ଜଣେ ବ୍ୟକ୍ତି ଏକ ଜମାଅତ୍ (ସଂପ୍ରଦାୟ) ମଧ୍ୟରେ ଜୀବନ ଅତିବାହିତ କରିଥାଏ ଏବଂ ଯେତେବେଳେ ସେହି ବ୍ୟକ୍ତିକୁ ଦୁଃଖ ପରେ ଦୁଃଖ ଦିଆଯାଇଥାଏ ସେତେବେଳେ ପରିଶେଷରେ ସାହାଯ୍ୟକର୍ତ୍ତାଙ୍କ ସ୍ୱାଭିମାନ ଆବେଗିତ ହୋଇ ଉଠେ ଏବଂ ସେ ଦୁଃଖ ଦେଉଥିବା ବ୍ୟକ୍ତିକୁ ଧ୍ୱଂସ କରି ଦେଇଥାଆନ୍ତି । ଅର୍ଥାତ୍ ଯେତେବେଳେ ଆମେମାନେ ଧୈର୍ଯ୍ୟ ପ୍ରଦର୍ଶନ କରିବୁ ଓ ତାହାଙ୍କ ସମକ୍ଷରେ ନତମସ୍ତକ ହେବୁ ଓ ତାହାଙ୍କ ସମ୍ମୁଖରେ ଦୁଆ (ପ୍ରାର୍ଥନା) କରିବୁ ସେତେବେଳେ ଅଲ୍ଲାଃତାଲାଙ୍କ ସ୍ୱାଭିମାନ ଜାଗ୍ରତ ହୋଇ ଉଠିବ। କେତେକ ଲୋକମାନେ ଧୈର୍ଯ୍ୟହରା ପ୍ରଦର୍ଶନ କରି ଦେଇଥାଆନ୍ତି । ଆମମାନଙ୍କୁ ପାକିସ୍ତାନର କେତେକ ସ୍ଥାନରେ ଅସହ୍ୟ ଦୁଃଖ ଏବଂ ନିର୍ଯାତନା ଦିଆଯାଉଅଛି । ଠିକ୍ ଅଛି ଦିଅନ୍ତୁ । କିନ୍ତୁ ଅଲ୍ଲାଃତାଲା ଆମମାନଙ୍କ ଠାରୁ ଏହି ଆଶା ରଖିଛନ୍ତି ଯେ, ଆମେମାନେ ଧୈର୍ଯ୍ୟ ପ୍ରଦର୍ଶନ କରିବୁ ଓ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଆମମାନଙ୍କୁ ଏହା କହିଛନ୍ତି ଯେ, ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କର । କେବଳ ସେତିକି ନୁହେଁ ଯେ, ଆମେମାନେ ଏହି ରମଜାନ୍ ମାସରେ ଦୁଆ କରି ନେଇଛୁ । ବରଂ ଆମେମାନେ ସେହି ଦୁଆକୁ ଏବଂ ସେହି ପୁଣ୍ୟକର୍ମକୁ ନିଜ ଜୀବନର ଏକ ନିୟମିତ ଏବଂ ଅଭିନ୍ନ ଅଙ୍ଗ ରୂପେ ବରଣ କରିନେଉ ତେବେଯାଇ ଆମେମାନଙ୍କୁ ଏହାର ଲାଭ ଏବଂ ସୁଫଳ ମିଳିବ । ଆପଣ ଅ.ସ ଭାବୋଦ୍ଦୀପକ ହୋଇ କହିଲେ, ଆମ ଜମାଅତ୍ ଅଲ୍ଲାଃତାଲାଙ୍କ ସମର୍ଥନ କ୍ରମେ ସ୍ଥାପିତ ହୋଇଛି ଏବଂ ଦୁଃଖ କଷ୍ଟ, ନିର୍ଯାତନା ସହ୍ୟ କରିବା ଦ୍ୱାରା ବିଶ୍ୱାସ ଦୃଢୀଭୂତ ହୋଇଯାଇଥାଏ । ଏହି ପୃଥିବୀରେ ଧୈର୍ଯ୍ୟ ପରି ଅନ୍ୟ କୌଣସି ବସ୍ତୁ ହୋଇ ପାରିବ ନାହିଁ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-235, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଅତଏବ୍ ଉକ୍ତ କଥା ଯେତେବେଳେ ଆମେମାନେ ମନେରଖିବୁ ସେତେବେଳେ **ଇନ୍‌ଶାଅଲ୍ଲାଃ** ଆମେମାନେ ଉନ୍ନିତ କରି ଚାଲିବୁ ଏବଂ ଶତ୍ରୁ ଆମ କାର୍ଯ୍ୟରେ ବାଧା ସୃଷ୍ଟି କରିପାରିବ ନାହିଁ । ଶତ୍ରୁ ଆମ ଯୋଜନାରେ କେବେ ବି ବାଧା ସୃଷ୍ଟି କରି ପାରିବ ନାହିଁ । କିନ୍ତୁ ସର୍ତ୍ତ ଏହିକି ଯେ, ଆମମାନଙ୍କ ପୁଣ୍ୟ କର୍ମ ଥିବା ଉଚିତ୍ ଓ ଆମେମାନେ ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ସକାଶେ କରିବା ଉଚିତ୍ । ଏକ ସ୍ଥଳେ ଆପଣ ଅ.ସ କହିଲେ, ବର୍ତ୍ତମାନ ତୁମେ ସଂସାରମୁଖୀ ହୁଅ ନାହିଁ ବରଂ ଅଲ୍ଲାଃତାଲାଙ୍କ ଆଡ଼କୁ ଧ୍ୟାନ ଦିଅ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-71, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଯେତେବେଳେ ତୁମେମାନେ ଅଲ୍ଲାଃତାଲାଙ୍କ ଆଡ଼କୁ ଧ୍ୟାନ ଦେବ ସେତେବେଳେ ତୁମେମାନେ ଦେଖିବ ଯେ, ଅଲ୍ଲାଃତାଲା ତୁମମାନଙ୍କ ସକାଶେ ସହଜତା ସୃଷ୍ଟି କରିଥାଆନ୍ତି ।" ସେହିପରି ଆପଣ ଅ.ସ ପୁନଶ୍ଚ ଧର୍ମପରାୟଣତା ସଂପର୍କରେ ଉପଦେଶ ଦେଇ କୁହନ୍ତି ଯେ, ଇତିହାସ ଏହା କହି କି ଯେଉଁ ବ୍ୟକ୍ତି ପ୍ରାରମ୍ଭିକ କାଳରେ ପ୍ରକୃତ ଏବଂ ସଚ୍ଚୋଟ ମୁସଲମାନ ହୋଇଥାଏ ସେହି ବ୍ୟକ୍ତିକୁ ଧୈର୍ଯ୍ୟ ପ୍ରଦର୍ଶନ କରିବାକୁ ପଡ଼ିଥାଏ । ସାହାବାମାନଙ୍କ ଉପରେ ମଧ୍ୟ ଏମିତି ଯୁଗ ଆସିଲା କି ସେମାନେ ଗଛର ପତ୍ର ଖାଇ ନିଜର ଜୀବନ ଅତିବାହିତ କଲେ । ବେଳେବେଳେ ସାହାବାମାନଙ୍କୁ ରୁଟିର ଟୁକୁଡ଼ା ମଧ୍ୟ ମିଳୁ ନଥିଲା । ଯେପର୍ଯ୍ୟନ୍ତ ଅଲ୍ଲାଃତାଲା କୌଣସି ବ୍ୟକ୍ତିର ଉପକାର ସାଧନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିର ହିତ ବା ଉପକାର ମଧ୍ୟ ସାଧନ କରିପାରିବ ନାହିଁ । ଅଲ୍ଲାଃତାଲା ଯେତେବେଳେ କୌଣସି ବ୍ୟକ୍ତିର ଉପକାର ଏବଂ ହିତ ସାଧନ କରିବାକୁ ଚାହାନ୍ତି ସେତେବେଳେ ମନୁଷ୍ୟମାନଙ୍କ ପକ୍ଷରୁ ମଧ୍ୟ ଉପକାର ଏବଂ ହିତ ସାଧନ ହୋଇଥାଏ । ମନୁଷ୍ୟ ଯେତେବେଳେ ଧର୍ମପରାୟଣତା ଅବଲମ୍ବନ କରେ ସେତେବେଳେ ଅଲ୍ଲାଃତାଲା ସେହି ବ୍ୟକ୍ତି ସକାଶେ ଦ୍ୱାର ମଧ୍ୟ ଖୋଲି ଦେଇଥାଆନ୍ତି । ଏହା ତୁମମାନଙ୍କର ଭ୍ରମ ଧାରଣା ଯେ, ଲୋକମାନେ ତୁମମାନଙ୍କର ଉପକାର ସାଧନ କରିବେ । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ଉଦ୍ଦେଶ୍ୟ ନାହିଁ ଯେ, ତୁମର ମଙ୍ଗଳ ସାଧନ କରାଯାଉ । ତୁମେମାନେ ଶତଚେଷ୍ଟା କରିନିଅ ପଛେ ଲୋକମାନେ କଦାପି ତୁମର ଉପକାର ଓ ମଙ୍ଗଳ ସାଧନ କରିପାରିବେ ନାହିଁ। ପୁଣ୍ୟ ମାର୍ଗରେ ପରିଚାଳିତ ହେବା ନିମନ୍ତେ ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ ହେବା ମଧ୍ୟ ଆବଶ୍ୟକ ଅଟେ । ଯେତେବେଳେ ତାହାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ ହେବ, ଯେତେବେଳେ ଆମେମାନେ ଧର୍ମପରାୟଣତା ମାର୍ଗରେ ଚାଲିବୁ ସେତେବେଳେ ଅଲ୍ଲାଃତାଲା ନିଜର କୃପାର ଦ୍ୱାର ମଧ୍ୟ ଖୋଲିଦେବେ । **ଇନ୍‌ଶାଅଲ୍ଲାଃ** । ସେଇଥିପାଇଁ ଆପଣ ଅ.ସ କହିଲେ, ଅଲ୍ଲାଃତାଲାଙ୍କ ଉପରେ ପ୍ରକୃତ ବିଶ୍ୱାସ ସ୍ଥାପନ କର । କାରଣ ବିଶ୍ୱାସ ଆଣିବା ଦ୍ୱାରା ସବୁକିଛି ପ୍ରାପ୍ତ ହେବ । କାରଣ ଅଲ୍ଲାଃତାଲା କୁହନ୍ତି: مَنْ يَّتَّقِ اللّٰهَ يَجْعَلْ لَّهٗ مَخْرَجًا ۙ وَّيَرْزُقْهُ مِنْ حَيْثُ لَا يَحْتَسِبُ **(ଅତତଲାକ୍: 3-4)** ଅର୍ଥାତ୍ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭୟ କରିବ ଅଲ୍ଲାଃତାଲା ତା' ସକାଶେ କୌଣସି ନା କୌଣସି ମାର୍ଗ ଉନ୍ମୁକ୍ତ (ଖୋଲିଦେବେ) କରିଦେବେ। ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଏପରି ସ୍ଥାନରୁ ଏବଂ ଏପରି ମାର୍ଗରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକା ଏବଂ ସୁବିଧା ଲାଭ କରିବା ସମ୍ବନ୍ଧରେ ସେ ଧାରଣା ମଧ୍ୟ କରି ନଥିବ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-204, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଅତଏବ୍ ଆମେମାନେ ଯଦି ନିଜର ଜୀବନକୁ ସୁଖମୟ ଏବଂ ସାଫଲ୍ୟମଣ୍ଡିତ କରିବାକୁ ଚାହୁଁଛେ ଏବଂ ଯଦି ଆମାମାନେ ସେହି କଲ୍ୟାଣ ଏବଂ କୃପାରୁ ଉପକୃତ ହେବାକୁ ଚାହୁଁଛେ ଯାହାକି ଏହି ରମ୍‌ଜାନ୍ ମାସର କିମ୍ବା ପ୍ରତ୍ୟେକ ରମ୍‌ଜାନ ମାସର କଲ୍ୟାଣ ଏବଂ କୃପା ହୋଇଥାଏ । ତେଣୁ ଏସବୁ କଥାକୁ ଆମମାନଙ୍କୁ ମନେରଖିବା ଉଚିତ୍ । ପୁନଶ୍ଚ ଭକ୍ତମାନଙ୍କର କର୍ତ୍ତବ୍ୟ ଏବଂ ଅଧିକାର ନିମନ୍ତେ ମଧ୍ୟ ଆପଣ ଅ.ସ କହିଲେ, ଯେ, ତୁମେମାନେ ପରସ୍ପର ମିଳିମିଶି ବସ (ରୁହ) । ତୁମେମାନେ ଯେପରି ପରସ୍ପରକୁ ଭଲ ପାଇବ ଠିକ୍ ସେହିପରି ଅଲ୍ଲାଃତାଲା ମଧ୍ୟ ତୁମମମାନଙ୍କୁ ଭଲ ପାଇବେ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-228, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ବର୍ତ୍ତମାନ କେବଳ ପ୍ରକାଶ୍ୟ ଉପସନା ନୁହେଁ ବରଂ ରମ୍‌ଜାନ୍ ଦିନମାନଙ୍କରେ ମଧ୍ୟ ଯେଉଁ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କରିବା ନିମନ୍ତେ ଆମମାନଙ୍କର ଧ୍ୟାନ ସୃଷ୍ଟି ହୋଇଛି କିମ୍ବା ଅନେକ ଲୋକମାନଙ୍କ ମଧ୍ୟରେ ଧ୍ୟାନ ସୃଷ୍ଟି ହୋଇଥାଏ ସେମାନେ ଉକ୍ତ (ଏହି) କଥାର ପରିପ୍ରକାଶ ମଧ୍ୟ କରିଥାଆନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଏହି ଆବଶ୍ୟକ କି ସେହି ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାକୁ ଆମେମାନେ ସର୍ବଦା ଜାରି ରଖିବୁ ଓ ଛୋଟ ଛୋଟ କଥା, ସାମାନ୍ୟ ବଚ୍‌ସା ଏବଂ କଳହ ଓ ସାମାନ୍ୟ ସମସ୍ୟାକୁ କେନ୍ଦ୍ର କରି ପରସ୍ପର ମଧ୍ୟରେ ଯେଉଁ ମତଭେଦ ତଥା କଳି ଝଗଡ଼ା ସୃଷ୍ଟି ହୋଇଥାଏ ତାହାକୁ ସମାପ୍ତ କରନ୍ତୁ ଏବଂ ପ୍ରେମ, ଆନ୍ତରୀକତା ଓ ସଦ୍ଭାବନାର ସହିତ ଜୀବନ ଯାପନ କରନ୍ତୁ । ଆମେମାନେ ଯେତେବେଳେ ଏପରି କରିବୁ ସେତେବେଳେ ଅଲ୍ଲାଃତଲାଙ୍କ କୃପା ବୃଷ୍ଟି (ବର୍ଷା) ମଧ୍ୟ ଆମମାନଙ୍କ ଉପରେ ହେବ ।

ପୁନଶ୍ଚ ଆଉ ଏକ ସ୍ଥାନରେ ଆପଣ ଅ.ସ ଉପଦେଶ ଦେଇ କହିଲେ ଯେ, "ଆମମାନଙ୍କର ଜମାଅତ୍ ନିମନ୍ତେ ଏହା ଆବଶ୍ୟକ ଯେ, ଘଟଣାବହୁଳ ଦ୍ୱାରା

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ପରିପୂର୍ଣ୍ଣ ଏହି ସଂସାରରେ ବିପଦ ସମୟରେ ଯେତେବେଳେ ଚତୁର୍ଦିଗରେ କେବଳ ମାର୍ଗଭ୍ରଷ୍ଟତା ଏବଂ ଅବଚେତନତାର ପବନ ବହୁଛି ତେଣୁ ଆପଣମାନେ ଧର୍ମପରାୟଣତା ଅବଲମ୍ବନ କରନ୍ତୁ । ଆପଣମାନେ ଦେଖନ୍ତୁ ଯେ, ଆଜିକାଲି ଏପରି କେଉଁ ମାଧ୍ୟମ ରହିଛି ଯାହା ମନୁଷ୍ୟ (ଏବଂ ଯୁବପିଢୀ)ଙ୍କୁ ମାର୍ଗଭ୍ରଷ୍ଟତା ଓ ଅବଚତନା ଆଡ଼କୁ ଆଗେଇ ନେଉଛି ଏବଂ ଅଲ୍ଲାଃତାଲାଙ୍କ ଠାରୁ ଦୂରେଇ ଦେବା ନିମନ୍ତେ ବ୍ୟବହାର କରିବା ଆରମ୍ଭ କରିଦିଆଯାଇଛି ? ଏପରି ସନ୍ଧିକ୍ଷଣ ମୁହୂର୍ତ୍ତରେ ଯେଉଁମାନେ ଏହି ଦାବି କରନ୍ତି ଯେ, ଆମେମାନେ ସାଂପ୍ରତିକ (ଏହି) ଯୁଗରେ ଧର୍ମ ସଂସ୍କାର ନିମନ୍ତେ ଏବଂ ଇସଲାମ୍ ଧର୍ମର ପୁନରୁତ୍ଥାନ ନିମନ୍ତେ ହ. ମସିହ୍ ମଉଦ ଅ.ସଙ୍କୁ ସ୍ୱୀକାର କରିଛେ । ତେଣୁ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ସେହି ସବୁ ଠାରୁ ବର୍ତ୍ତିବା ନିମନ୍ତେ ଉଦ୍ୟମ କରିବୁ । ଆପଣମାନେ ନିଜେ ନିଜର ଆତ୍ମ ସମୀକ୍ଷା କରନ୍ତୁ । ଆପଣମାନଙ୍କୁ ମଧ୍ୟରୁ କେତେ ଲୋକ ତହିଁରୁ (ଉପରୋକ୍ତରେ ବର୍ଣ୍ଣିତ ପାପରୁ) ବର୍ତ୍ତିବାକୁ ପ୍ରୟାସ କରୁଛନ୍ତି ? ଯୁବ ପିଢ଼ୀମାନେ ମଧ୍ୟ, ବୟସ୍କ ବ୍ୟକ୍ତିମାନେ ମଧ୍ୟ, ମହିଳାମାନେ ମଧ୍ୟ, ଛୋଟ ପିଲାମାନେ ମଧ୍ୟ ପ୍ରତ୍ୟେକଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସଂସାରର ଏହି ଅବସ୍ଥା ରହିଛି ଯେ, ସଂସାରବାସୀମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ସମ୍ମାନ ଜଣାଉ ନାହାନ୍ତି। ଅଲ୍ଲାଃତାଲାଙ୍କ ଅଧିକାର ଓ ଆଦେଶାବଳୀ ପ୍ରତି ଭୃକ୍ଷେପ କରୁ ନାହାନ୍ତି । ଅଲ୍ଲାଃତାଲା ଯେଉଁ ଉପଦେଶ ଏବଂ ଆଦେଶାବଳୀ ଦେଇଛନ୍ତି ସେଥିପ୍ରତି ଲୋକମାନେ ଆଦୌ ଭୃକ୍ଷେପ କରୁ ନାହାନ୍ତି । ସଂସାର ନିଜ କାମରେ ନିମଜ୍ଜିତ ରହିଛି । ଆମେମାନେ ଯଦି ନିଜର ଆତ୍ମ ସମୀକ୍ଷା କରୁ ତେବେ ଆମ ମଧ୍ୟରେ ଏହିସବୁ କଥା ରହିଛି ଯେ, ସଂସାରର କାର୍ଯ୍ୟରେ ଆମେମାନେ ନିମଜ୍ଜିତ ଅଛେ। ଅର୍ଥାତ୍ ମାତିଛେ । ବେଳେବେଳେ ଆମେମାନେ ନମାଜ ପାଠ କରିବା ଭୁଲି ଯାଇଥାଉ। ବେଳେବେଳେ ଆମେମାନେ ଜୁମା ନମାଜ ପାଠ କରିବାକୁ ଭୃକ୍ଷେପ କରୁ ନାହୁଁ । ସେହିପରି ଅନ୍ୟ ପୁଣ୍ୟାବଳୀ ରହିଛି ତାହାକୁ ମଧ୍ୟ ଆମେମାନେ ସମ୍ପାଦନ କରିବା ପ୍ରତି ଭୃକ୍ଷ କରୁ ନାହୁଁ । ଆମେମାନେ ନିଜର ଅଧିକାର ହାସଲ କରିବା ନିମନ୍ତେ ପରର ଅଧିକାରକୁ କ୍ଷୁର୍ଣ୍ଣ (ହଡ଼ପ) କରିବା ନିମନ୍ତେ ଉଦ୍ୟମ କରିଥାଉ । ଅତଏବ୍ ଏସବୁ କଥା ଏପରି ଅଟନ୍ତି ଯାହାକି ଅଲ୍ଲାଃତାଲାଙ୍କ ସାମୀପ୍ୟତା (ପାଖ) ପ୍ରଦାନକାରୀ କଦାପି ହୋଇ ପାରିବ ନାହିଁ । ଅତଏବ୍ ଗୋଟିଏ ପକ୍ଷରେ ଆମେମାନେ ରମ୍‌ଜାନ୍ ମାସରେ ଏହି ଦୁଆ କରିଥାଉ କି ହେ ଅଲ୍ଲାଃ ! ତୁମେ ଆମମାନଙ୍କୁ ପୁଣ୍ୟ କର୍ମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କର ଓ ଆମମାନଙ୍କର ଆବଶ୍ୟକତାକୁ ପୂର୍ଣ୍ଣ କର । ଅନ୍ୟ ପକ୍ଷରେ ଆମମାନଙ୍କୁ ମଧ୍ୟ ସେହିସବୁ କଥା (ଆଦେଶାବଳୀ)କୁ କାର୍ଯ୍ୟକାରୀ କରିବାକୁ ହେବ ଯେଉଁ ଆଦେଶାବଳୀକୁ ସମ୍ପାଦନ ଓ କାର୍ଯ୍ୟାକାରୀ କରିବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ଆଦେଶ ଦେଇଛନ୍ତି । କେବଳ ଦୁଆ କଲେ କାମ ଚଳିବ ନାହିଁ । ବରଂ ଏଥି ନିମନ୍ତେ ଆମମାନଙ୍କୁ ଉଦ୍ୟମ (ପ୍ରୟାସ ଓ ଚେଷ୍ଟା) ମଧ୍ୟ କରିବାକୁ ହେବ ।"

ହୁଜୁର ଅ.ସ କହିଲେ, "ଲୋକମାନେ ସାଂସାରିକତାରେ ମାତିଛନ୍ତି, ସଂସାରର ଯେତେବେଳେ ଅଧିକ କ୍ଷତି ହୁଏ ସେତେବେଳେ ଅଧିକ ଚିତ୍କାର ଏବଂ କୋଳାହଳ କରିବାକୁ ଲାଗି ଯାଆନ୍ତି । ବିଳାପ ଏବଂ ରୋଦନ (କାନ୍ଦିବାକୁ) ଲାଗି ଯାଆନ୍ତି। ଲୋକମାନେ ସଂସାରର କ୍ଷତିରୁ ବର୍ତ୍ତିବାକୁ ଯାଇ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ଓ ତାହାଙ୍କର ଅଧିକାରକୁ ମଧ୍ୟ କ୍ଷୁର୍ଣ୍ଣ ଓ କ୍ଷୟ (ନଷ୍ଟ) କରି ଦେଇଥାଆନ୍ତି । ଲୋକମାନେ ଏଥି ପ୍ରତି ଚିନ୍ତିତ ଯେ, ଏହି ସଂସାରର ଯେପରି କୌଣସି କ୍ଷତି ନଘଟୁ ଓ ଆମର ଯେପରି କୌଣସି କ୍ଷତି ନଘଟୁ । ଅଲ୍ଲାଃତାଲାଙ୍କର ଅଧିକାର ସମ୍ପାଦନ ହେଉ କି ନହେଉ, କିଛି ଫରକ୍ ପଡୁ ନାହିଁ । ଲୋକମାନେ ସେହି କଥା ପ୍ରତି ଧ୍ୟାନ ଦିଅନ୍ତି ନାହିଁ ଯେଉଁ କଥା (ଆଦେଶାବଳୀ) ସମ୍ପାଦନ କରିବା ପ୍ରତି ଅଲ୍ଲାଃତାଲା ଆଦେଶ ଦେଇଛନ୍ତି । ଲୋକେ ଅନ୍ୟ ଲୋକମାନଙ୍କର ଅଧିକାରକୁ ସମ୍ପାଦନ କରନ୍ତି ନାହିଁ। ମାଲି ମକଦ୍ଦମାରେ କୋର୍ଟକୁ ଚାଲି ଯାଉଛନ୍ତି । ଭୁଲ ପ୍ରକାରର ମକଦ୍ଦମା ରହିଛି । ଲୋକେ ଅନ୍ୟକୁ ତଳକୁ ଖସାଇବାକୁ ହୀନ ପ୍ରୟାସ ଏବଂ ଚକ୍ରାନ୍ତ ମଧ୍ୟ କରୁଛନ୍ତି। ଭୁଲ ପ୍ରକାରର ପ୍ରମାଣ ମଧ୍ୟ ଉପସ୍ଥାପନ କରୁଛନ୍ତି । ଓକିଲମାନଙ୍କ କଥାରେ ପଡ଼ି ଭୁଲ୍ ଏବଂ ଅସତ୍ୟ ପ୍ରମାଣ ଉପସ୍ଥାପିତ କରୁଛନ୍ତି । ଓକିଲ ମଧ୍ୟ ଲୋକମାନଙ୍କୁ ଅସତ୍ୟ ପ୍ରମାଣ ଏବଂ ମିଛ ସାକ୍ଷୀ ଦେବା ନିମନ୍ତେ ବାଧ୍ୟ କରୁଛି । ଏପରି ଅବସ୍ଥା ଏବଂ ଏପରି ପରିସ୍ଥିତିରେ ଅଲ୍ଲାଃତାଲା କିପରି ଆମମାନଙ୍କୁ ସମର୍ଥନ ଜଣାଇବେ? ଯଦି ଆମେମାନେ ଅଲ୍ଲାଃତାଲାଙ୍କର ସମର୍ଥନ ପ୍ରାପ୍ତ କରିବାକୁ ଚାହୁଁଛୁ ତେବେ ଆମମାନଙ୍କୁ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ମଧ୍ୟ ଧ୍ୟାନ ଦେବାକୁ ହେବ ଓ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବାକୁ ଉଦ୍ୟମ ମଧ୍ୟ କରିବାକୁ ହେବ ।"

ଆପଣ ଅ. ସ କୁହନ୍ତି: "ଲୋକମାନେ ଯେପର୍ଯ୍ୟନ୍ତ ଦୁର୍ବଳ ଥାଆନ୍ତି ସେପର୍ଯ୍ୟନ୍ତ ସେମାନେ ପାପ ଏବଂ ଅପରାଧ କରିବାକୁ ସାହସ କରନ୍ତି ନାହିଁ । ଅର୍ଥାତ୍ ଯେପର୍ଯ୍ୟନ୍ତ ଦୁର୍ବଳତା ରହିଛି ସେପର୍ଯ୍ୟନ୍ତ ପାପ କର୍ମ କରନ୍ତି ନାହିଁ । ସେପର୍ଯ୍ୟନ୍ତ ଲୋକମାନେ ଅଲ୍ଲାଃତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ଆଉ ଯେତେବେଳେ ଲୋକମାନଙ୍କୁ ସୁଯୋଗ ମିଳେ ସେତେବେଳେ ସେମାନେ ସହସା ମିଥ୍ୟା (ମିଛ), ପାପ କର୍ମ କରିବାକୁ ଲାଗି ଯାଆନ୍ତି । ସେହିପରି ଯେତେବେଳେ ସହଜତା ଓ ସୁଖ ଜୀବନରେ ଆସେ ସେତେବେଳେ ଲୋକମାନେ ଅଲ୍ଲାଃତାଲାଙ୍କୁ ପାସୋରି ଦିଅନ୍ତି (ଭୁଲି ଯାଆନ୍ତି) । ଅଲ୍ଲାଃତାଲା ଆମମାନଙ୍କୁ ସହଜତା ଏବଂ ସମୃଦ୍ଧି ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ଆମମାନଙ୍କର ଯେଉଁ ଅବସ୍ଥା ଥିଲା ତାହା କ'ଣ ଥିଲା? ଅଲ୍ଲାଃତାଲାଙ୍କ କୃତଜ୍ଞତା ଏହିକି ଯେ, ଆମେମାନେ ସେହି ପୁଣ୍ୟାବଳୀକୁ ଜାରି ରଖିବୁ ଯେଉଁ ପୁଣ୍ୟାବଳୀ ଦୁର୍ବଳତା ସମୟରେ କରାଯାଇଥିଲା । ଆପଣମାନେ କେବେ ବି ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କର ଅଧିକାରକୁ ହଡ଼ପ ତଥା ଛିନ୍ନ କରିବାକୁ ଉଦ୍ୟମ କରନ୍ତୁ ନାହିଁ । ଆପଣମାନେ ଯଦି କାହାର ଅଧିକାରକୁ ହଡ଼ପ କରୁଛନ୍ତି ତେବେ ଏହାର କାରଣ ଏହିକି ଯେ, ଆପଣମାନଙ୍କ ମଧ୍ୟରେ ପ୍ରକୃତ ଧର୍ମପରାୟଣତା ନାହିଁ।"

ଆପଣ ଅ.ସ କୁହନ୍ତି: "ବ୍ୟକ୍ତି ମଧ୍ୟରେ ଯେତେବେଳେ ପ୍ରକୃତ ଧର୍ମପରାୟଣତା ଥିବ ତେବେ ସେପରିପ୍ରେକ୍ଷୀରେ ବ୍ୟକ୍ତି ଏପରି କୃତ୍ୟ ଓ ଏପରି ଆଚରଣ କଦାପି ପ୍ରଦର୍ଶନ କରିବ ନାହିଁ । ଆପଣ ଅ.ସ କହିଲେ, ଆହଦିସ୍‌ରେ ଅନେକ ଭାଗ ମହଜୁଦ୍ ରହିଛି ଏବଂ କଲ୍ୟାଣ ମଧ୍ୟ ରହିଛି । କିନ୍ତୁ ହୃଦୟରେ ବିଶ୍ୱାସ ଏବଂ ବ୍ୟବହାରିକ ଅବସ୍ଥା ଆଦୌ ନାହିଁ । କେତେକ ଲୋକମାନେ ଅଛନ୍ତି ଯେଉଁମାନେ କଥା ତ' ହଦିସ୍‌ର କରିଥାନ୍ତି । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ବ୍ୟବହାରିକ ଓ ବିଶ୍ୱାସର ଅବସ୍ଥା ସେମାନଙ୍କ ମଧ୍ୟରେ ଏତିକି ବି ନାହିଁ କି ସେମାନେ ସେହି କଥା ଅର୍ଥାତ୍ ହଦିସ୍ ଓ ପବିତ୍ର କୁରଆନ ଉପରେ କାର୍ଯ୍ୟାନୁସରଣ କରିବେ ।" ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲା ମୋତେ ଏଇଥି ପାଇଁ ପ୍ରେରଣ କଲେ ଯେ, ଏହି ସବୁ କଥା ପୁନର୍ବାର ସୃଷ୍ଟି ହେଉ । ଈଶ୍ୱର ଯେତେବେଳେ ଅବଲୋକନ (ଦେଖିଲେ) କଲେ କି କର୍ମ କ୍ଷେତ୍ର ଶୂନ୍ୟ ପଡ଼ିଛି ସେତେବେଳେ ତାହାଙ୍କ ଈଶ୍ୱରତ୍ୱ ଏହା କଦାପି ପସନ୍ଦ (ଚାହିଁଲା) କଲା ନାହିଁ ଯେ, ଉକ୍ତ କ୍ଷେତ୍ର ତଥା ଭୂମି ଶୂନ୍ୟ ରହୁ ଏବଂ ଲୋକମାନେ ଏହିପରି ଈଶ୍ୱରଙ୍କ ଠାରୁ ଦୂରେଇ ରୁହନ୍ତୁ । ଅତଏବ୍ ସେ ହିଁ ଲୋକମାନଙ୍କ ବିପକ୍ଷରେ ଅଲ୍ଲାଃତାଲା ଏକ ନୂତନ ଜୀବିତ ଜାତି ସୃଷ୍ଟି କରିବାକୁ ଚାହୁଁଛନ୍ତି । ସେଇଥି ପାଇଁ ଆମମାନଙ୍କର ତବ୍‌ଲିଗ୍ (ପ୍ରଚାର) ଉଦ୍ଦିଷ୍ଟ ରହିଛି । ଅତଏବ୍ ଆମମାନଙ୍କୁ ଧର୍ମପରାୟଣତାମୂଳକ ଜୀବନ ପ୍ରାପ୍ତ ହୋଇଯାଉ । **(ମଲଫୁଜାତ୍, ଭାଗ-4, ପୃ-395-396, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ସୁତରାଂ ଆମେମାନେ ନୂତନ ଜାତି ହୋଇଛେ । ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ ସଂସ୍ପର୍ଶରେ ଆସିଛେ ତେଣୁ ଆମମାନଙ୍କୁ ଧର୍ମପରାୟଣତା ଜୀବନ ଉପରେ ଚାଲିବାକୁ ପଡ଼ିବ ଏବଂ ଚାଲିବା ଉଚିତ୍ । ଧର୍ମପରାୟଣତା ଏପରି ବସ୍ତୁ ନୁହଁ ଯେ, କେବଳ ମୌଖିକ ଉଚ୍ଚାରଣ କରିଦେଲେ ମନୁଷ୍ୟଙ୍କୁ ଧର୍ମପରାୟଣତା ପ୍ରାପ୍ତ ହୋଇଯିବ । ନା ବରଂ ସୈତାନ୍ ଧର୍ମପରାୟଣତା ମାର୍ଗରେ ଛିଡ଼ା ହୋଇ ମନୁଷ୍ୟକୁ ମାର୍ଗଭ୍ରଷ୍ଟ କରିବା ନିମନ୍ତେ ଉଦ୍ୟମ କରିଥାଏ ।

**(ମଲଫୁଜାତ୍, ଭାଗ-4, ପୃ-398, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "ସୈତାନ୍ ଧର୍ମପରାୟଣତା ଅବଲମ୍ବନକାରୀଙ୍କୁ ମଧ୍ୟ ପ୍ରରୋଚିତ କରିଥାଏ । ସେମାନଙ୍କୁ ଉସ୍‌କାଇଥାଏ ଏବଂ ମାର୍ଗଚ୍ୟୁତ ମଧ୍ୟ କରି ଦେଇଥାଏ । ଆପଣ ଅ.ସ ଏହାର ଉଦାହରଣ ଦେଇ କୁହନ୍ତି ଯେ, ସୈତାନର ଉଦାହରଣ ଏପରି ଯେପରିକି ଯଦି କୌଣସି ସ୍ଥାନରେ ଟିକିଏ ମିଠା ବା ଚିନି ସ୍ଥାନରେ ରଖି ଦିଆଯାଏ ତେବେ ସେହି ଚିନି ବା ମିଠିରେ ପିମ୍ପୁଡ଼ି ଆସି ଲାଗି ଯାଆନ୍ତି। ଠିକ୍ ଏହି ଅବସ୍ଥା ସୈତାନିକ ପାପର ରହିଛି । ଏହି ସୈତାନିକ ପାପ ଦ୍ୱାରା ମନୁଷ୍ୟର ଅବସ୍ଥା ଅତି ଦୁର୍ବଳ ବୋଲି ଜ୍ଞାତ (ମନେ) ହୋଇଥାଏ । ମନୁଷ୍ୟ ନିଜର ଦୁର୍ବଳ ଅବସ୍ଥା ଯୋଗୁଁ ଏହା ମନେକରେ ଯେ, ମୁଁ ଅତ୍ୟନ୍ତ ପୁଣ୍ୟବାନ୍ ଓ ସଦାଚାରୀ ହୋଇଯାଇଛି । ଧର୍ମପରାୟଣତା ମାର୍ଗରେ କାର୍ଯ୍ୟାନୁସରଣ କରୁଛି । କିନ୍ତୁ ସୈତାନ୍ ଆକ୍ରମଣ କରିଦେଇଥାଏ । ସେତେବେଳେ ତୁମକୁ ଜ୍ଞାତ ହୁଏ ଯେ, ସୈତାନ୍‌ର ଆକ୍ରମଣରୁ ତୁମେମାନେ ବର୍ତ୍ତି ପାରିବ ନାହିଁ । ତୁମେମାନେ ବର୍ତ୍ତମାନ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ସୁରକ୍ଷା ବଳୟ ମଧ୍ୟକୁ ଆସି ନାହିଁ । ଯଦି ଅଲ୍ଲାଃତାଲା ଚାହିଁ ଥାଆନ୍ତେ ତେବେ ଏପରି ଦୁର୍ବଳତା ସେ ଆମମାନଙ୍କ ମଧ୍ୟରେ ରଖି ନଥାଆନ୍ତେ। ମନୁଷ୍ୟ ଯେତେବେଳେ ସାମାନ୍ୟ ଉପକାର କରିଦେଲେ ସେ ନିଜକୁ ମହାନ ବୋଲି ମନେକରିବାକୁ ଲାଗେ ଏବଂ ଏହା ମନେକରିବାକୁ ଲାଗିପଡ଼େ ଯେ, ମୁଁ ଧର୍ମପରାୟଣତା ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ହୋଇଯାଇଛି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ଏହା ତ' ପ୍ରକୃତ ଧର୍ମପରାୟଣତା ନୁହେଁ । ବରଂ ଏହା ଏପରି ଧର୍ମପରାୟଣତା ଅଟେ ଯେ, ଏହିପରି ଧର୍ମପରାୟଣତା ଉପରେ ସୈତାନ୍ ଆକ୍ରମଣ କରିଥାଏ । ଏହି ଆକ୍ରମଣ ସେହିପରି ଯେପରି ମିଠା ଜିନିଷ ଉପରେ ପିମ୍ପୁଡ଼ି ଲାଗି ଯାଆନ୍ତି । ଅତଏବ୍ ସୈତାନ୍ ମଧ୍ୟ ମନୁଷ୍ୟକୁ ଉସ୍‌କାଇବା ଏବଂ ପ୍ରବର୍ତ୍ତାଇବା ନିମନ୍ତେ ଏହିପରି ଆକ୍ରମଣ କରି ଦେଇଥାଏ । ସୈତାନ୍ ବ୍ୟକ୍ତିର ମସ୍ତିଷ୍କର ଏହି କଥା ସୃଷ୍ଟି କରିଥାଏ ଯେ, ଆରେ ବ୍ୟକ୍ତି ! ତୁ ପରା ପୁଣ୍ୟବାନ୍ ଓ ସଦାଚାରୀ ହୋଇଯାଇଛୁ । ଯେତେବେଳେ ମନୁଷ୍ୟ ମଧ୍ୟରେ ଏତାଦୃଶ (ଏହିପରି) ଅବସ୍ଥା ହୋଇଯାଏ ସେତେବେଳେ ସେ ପୁଣ୍ୟ କର୍ମ ଠାରୁ ଦୂରେଇ ଯାଇଥାଏ ଏବଂ ତା' ମଧ୍ୟରେ ଗର୍ବ ଭାବ ଜାତ ହୋଇଯାଇଥାଏ। ଅତଏବ୍ ଆପଣ ଅ.ସ କହିଲେ, ଅତଏବ୍ ଧର୍ମପରାୟଣ ମାର୍ଗରେ ଚାଲୁଥିବା ବ୍ୟକ୍ତିମାନଙ୍କୁ ଫୁଙ୍କି ଫୁଙ୍କି ପାଦ ରଖିବା ଉଚିତ୍ (ଅର୍ଥାତ୍ ଅତି ସତର୍କତାର ସହିତ ପାଦ ରଖିବା ଉଚିତ୍)। "ଏହା ସେତେବେଳେ ସମ୍ଭବପର ହୋଇପାରିବ ଯେତେବେଳେ ମନୁଷ୍ୟକୁ ସେହି କଥାର ଜ୍ଞାନ ଥିବା କି ପ୍ରତ୍ୟେକ ପ୍ରକାରର ଶକ୍ତିର ଉତ୍ସ ହେଉଛି ଈଶ୍ୱରଙ୍କ ଅସ୍ତିତ୍ୱ । କୌଣସି ଅବତାର କିମ୍ବା କୌଣସି ବାର୍ତ୍ତାବହକୁ ଏହି ସାମର୍ଥ୍ୟ ପ୍ରାପ୍ତ ହୋଇ ନାହିଁ ଯେ, ସେ ନିଜ ନିକଟରୁ ବ୍ୟକ୍ତିକୁ ଶକ୍ତି ପ୍ରଦାନ କରିଦେଇ ପାରିବେ।" ହଁ ନବୀ ଓ ରସୁଲଙ୍କ ଠାରୁ କଲ୍ୟାଣ ପ୍ରାପ୍ତ ହୋଇଥାଏ। ସେମାନଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା କଲ୍ୟାଣ ପ୍ରାପ୍ତ ହୋଇଥାଏ । କିନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ ହିଁ ସକଳ ଶକ୍ତି ରହିଛି ଏବଂ ନବୀ ଓ ରସୁଲ ମଧ୍ୟ ସେହି ଈଶ୍ୱରଙ୍କ ଆଡ଼କୁ ଆମମାନଙ୍କୁ ନେଇ ଯାଇଥାଆନ୍ତି ଏବଂ କୁହନ୍ତି, ଯାହା ମାଗିବାର ଅଛି ଅଲ୍ଲାଃତାଲାଙ୍କୁ ମାଗ । ଏହି ଶକ୍ତି ଯେତେବେଳେ ଅଲ୍ଲାଃତାଲାଙ୍କ ତରଫରୁ ବ୍ୟକ୍ତିକୁ ପ୍ରାପ୍ତ ହୁଏ ସେତେବେଳେ ବ୍ୟକ୍ତି ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି ହୋଇଯାଇଥାଏ । ଅତଏବ୍ ସେହି ଶକ୍ତିକୁ ପ୍ରାପ୍ତ କରିବାକୁ ହେଲେ ଦୁଆକୁ ବିନିଯୋଗ କରିବା ଉଚିତ୍ ଓ ନମାଜ୍ ଏକମାତ୍ର ପୁଣ୍ୟ ଯାହାକୁ ସମ୍ପାଦନ କରିବା ଦ୍ୱାରା ସୈତାନୀୟ ଦୁର୍ବଳତା ଦୁରୀଭୂତ ହୋଇଯାଇଥାଏ ଏବଂ ଏହାରି ନାମ ଦୁଆ ଅଟେ । ସୈତାନ୍ ଏହା ଚାହେଁ ଯେ, ମନୁଷ୍ୟ ଦୁଆ (ପ୍ରାର୍ଥନାରେ)ରେ ସର୍ବଦା ଦୁର୍ବଳ ରହୁ କାରଣ ସେ (ସୈତାନ୍) ଜାଣେ ଯେ, ମନୁଷ୍ୟ ଯେଉଁ ଉପାୟରେ ନିଜର ସଂଶୋଧନ କରିପାରିବ ସେ ଏହି ଦୁଆ ମାଧ୍ୟମରେ ହିଁ ନିଜର ସଂଶୋଧନ କରିପାରିବ । ଅତଏବ୍ ଏଥି ନିମନ୍ତେ ପବିତ୍ର ଓ ଶୁଦ୍ଧପୂତ ମନ ହେବା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ଅପବିତ୍ରତା ରହିଛି ସେପର୍ଯ୍ୟନ୍ତ ମନୁଷ୍ୟ ସୈତାନ୍‌କୁ ଭଲ ପାଇଥାଏ ।"

**(ମଲ୍‌ଫୁଜାତ୍, ଭାଗ-4, ପୃ-398, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଅତଏବ୍ ପବିତ୍ର ହେବା ନିମନ୍ତେ ନମାଜ୍ ପାଠ କରିବା ଏକାନ୍ତ ବିଧେୟ । ଏହି ରମ୍‌ଜାନ୍ ମାସରେ ଆମମାନେ ଏହି ଲାଭ ଉଠାଇଛୁ ଯେ, ଆମେମାନେ ନିୟମିତ ରୂପେ ନମାଜ ପାଠ କରିବୁ, ନମାଜ ପାଠ କରିବା ପ୍ରତି ଧ୍ୟାନ ଦେବୁ, ନୱାଫିଲ୍ ନମାଜ୍ ପାଠ କରିବା ପ୍ରତି ଧ୍ୟାନ ଦେବୁ । ଆପଣ ଅ.ସ କୁହନ୍ତି: "ଯଦି ନିୟମିତ ରୂପେ ସୈତାନ୍ ଠାରୁ ବର୍ତ୍ତିବାକୁ ଏବଂ ସୁରକ୍ଷିତ ରହିବାକୁ ଚାହୁଁଛ ଓ ଧର୍ମପରାୟଣତା ମାର୍ଗରେ ଚାଲିବାକୁ ଚାହୁଁଛ ତେବେ ଏହି ସର୍ତ୍ତ ରହିଛି ଯେ, ତୁମେମାନେ ଉପାସନା (ନମାଜ ପାଠ କରିବା) କରିବା ପ୍ରତି ଧ୍ୟାନ ଦିଅ । ଯେଉଁ ଉପାସନା ଶୃଙ୍ଖଳିତ, ବ୍ୟବସ୍ଥିତ ଢଙ୍ଗରେ କରାଯାଏ, ଯେଉଁ ଉପାସନା ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ କରାଯାଏ, ଯେଉଁ ଉପାସନାରେ କୌଣସି ପ୍ରକାରର ଆଡ଼ମ୍ବରତା ଏବଂ ଲୋକ ଦେଖାଣିଆ ଭାବ ନଥାଏ ତେବେ ସେସ୍ଥଳେ ମନୁଷ୍ୟ ସୈତାନ୍‌ର ଆକ୍ରମଣରୁ ରକ୍ଷା ପାଇଥାଏ । ଅର୍ଥାତ୍ ମନୁଷ୍ୟ ଯେତେବେଳେ ଏପରି ଉପାସନା କରିବ ସେତେବେଳେ ମନୁଷ୍ୟ ସର୍ବଦା ସୈତାନ୍‌ର ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବ ଏବଂ ଅଲ୍ଲାଃତାଲାଙ୍କ ଶରଣ ଓ ତାହାଙ୍କ ଆଶ୍ରୟରେ ରହିବ ।"ଆପଣ ଅ.ସ ଧର୍ମପରାୟଣତା ସଂପର୍କରେ ଏହା ମଧ୍ୟ କହିଲେ, "ଧର୍ମପରାୟଣ ହେବା ନିମନ୍ତେ ଏହା ଆବଶ୍ୟକ ଯେ, ଯେଉଁ ଗୁଡ଼ିକ ପ୍ରମୁଖ ତଥା ବଡ଼ ବଡ଼ କଥା ରହିଛି ଯେପରିକି ବ୍ୟାଭିଚାର, ଚୋରି, ପରର ଅଧିକାର ହଡ଼ପ କରିବା, ଲୋକ ଦେଖାଣିଆ କର୍ମ, ଆଡ଼ମ୍ବରତା, ଅନ୍ୟକୁ ହୀନ ଦୃଷ୍ଟିରେ ଦେଖିବା, କୃପାଣତାକୁ ପରିତ୍ୟାଗ କରିବାରେ ଅଭ୍ୟସ୍ତ ହୋଇଥିବା ଉଚିତ୍ । ମନୁଷ୍ୟ ନିକୃଷ୍ଟ ଜାତୀୟ ଆଚରଣରୁ ବର୍ତ୍ତି ନିକୃଷ୍ଟ ଜାତୀୟ ଆଚରଣ ବିରୁଦ୍ଧରେ ଉତ୍ତମ ଚରିତ୍ରରେ ଉନ୍ନତି କରୁ । ଉପୋରକ୍ତ କଥା ଧର୍ମପରାୟଣତା ନିମନ୍ତେ ଆବଶ୍ୟକ ଅଟେ । ଅତଏବ୍ ମନୁଷ୍ୟକୁ ବଡ଼ ବଡ଼ ପାପରୁ ଦୂରେଇ ରହିବା ଉଚିତ୍ । ଯେଉଁ ଆଚରଣଗୁଡ଼ିକ ନିକୃଷ୍ଟ ଅଟନ୍ତି ତହିଁରୁ ମନୁଷ୍ୟ ବର୍ତ୍ତିବାକୁ ପ୍ରୟାସ କରିବା ଉଚିତ୍ । କିନ୍ତୁ କେବଳ ସେତିକି ନୁହେଁ ବରଂ ଏହାର ବିପରୀତ ମନୁଷ୍ୟ ମଧ୍ୟରେ ଉତ୍ତମ ଆଚରଣ ମଧ୍ୟ ସୃଷ୍ଟି ହେଉ । ତାହାହେଲେ ଯାଇ ତାହା ପ୍ରକୃତ ଧର୍ମପରାୟଣତା ହୋଇ ପାରିବ । କେବଳ ପାପ ଏବଂ ମନ୍ଦ କର୍ମକୁ ଦୂରୀଭୂତ କରି ପୁଣ୍ୟାବଳୀ ଏବଂ ପୁଣ୍ୟ ମାର୍ଗ ଉପରେ ଚାଲିବା ହିଁ ପ୍ରକୃତ ପ୍ରସଙ୍ଗ ଅଟେ । ମନ୍ଦ ଆଚରଣକୁ ସମାପ୍ତ କରି ସଦାଚରଣକୁ ଆପଣାଇବା ହିଁ ପ୍ରକୃତ ପ୍ରସଙ୍ଗ ଅଟେ । କେବଳ ପାପରୁ ବର୍ତ୍ତିବା ଧର୍ମପରାୟଣତା ନୁହେଁ ବରଂ ପାପରୁ ବର୍ତ୍ତି ପୁଣ୍ୟ କର୍ମ ସମ୍ପାଦନ କରିବା ହିଁ ପ୍ରକୃତ ଧର୍ମପରାୟଣତା ଅଟେ । ଏହାକୁ ବାଦ୍‌ଦେଲେ ପୁଣ୍ୟାବଳୀ ଆଉ କେଉଁ ବସ୍ତୁ (ପ୍ରସଙ୍ଗ) ରହିଛି ? ଅର୍ଥାତ୍ ଲୋକମାନଙ୍କ ପ୍ରତି ସଭ୍ୟ, ଶିଷ୍ଟତା ପ୍ରଦର୍ଶନ କରିବା, ଉତ୍ତମ ଆଚରଣ ପ୍ରଦର୍ଶନ କରିବା, ସହାନୁଭୂତି ପ୍ରଦର୍ଶନା କରିବା, ଅଲ୍ଲାଃତାଲାଙ୍କ ପ୍ରତି ପ୍ରକୃତ ବିଶ୍ୱସ୍ତତା ପ୍ରଦର୍ଶନ କରିବା, ସତ୍ୟବାଦୀତା ପ୍ରଦର୍ଶନ କରିବା ଓ ସେବାର ପ୍ରଶଂସନୀୟ ସ୍ଥାନ ଖୋଜିବା, ଉଦ୍ୟମ କରିବା କି ମନୁଷ୍ୟକୁ ଏପରି କର୍ମ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଉ ଯେଉଁ କର୍ମ ଅଲ୍ଲାଃତାଲାଙ୍କୁ ମଧ୍ୟ ପସନ୍ଦ ହୋଇଥିବ ଓ ପ୍ରଶଂସନୀୟ ମଧ୍ୟ ହୋଇଥିବ । ଏହିସବୁ କୃତ୍ୟ ସମ୍ପଦାନ କରିବା ଦ୍ୱାରା ମନୁଷ୍ୟ ଧର୍ମପରାୟଣ ବ୍ୟକ୍ତି ରୂପେ ବିବେଚିତ ହୋଇଥାଏ । "ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେତେବେଳେ ମନୁଷ୍ୟ ମଧ୍ୟରେ ଏସବୁ କଥା ସୃଷ୍ଟି ହେବ ସେତେବେଳେ ସେହି ଲୋକମାନେ ହିଁ ଧର୍ମପରାୟଣ ହୋଇଥାଆନ୍ତି । ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ଯେତେବେଳେ ଲୋକମାନେ ଏପରି ହୋଇଯାଆନ୍ତି ସେତେବେଳେ ଅଲ୍ଲାଃତାଲା ଏପରି ଲୋକମାନଙ୍କର ବନ୍ଧୁ ପାଲଟି ଯାଆନ୍ତି । କାରଣ ଅଲ୍ଲାଃତାଲା ସ୍ୱୟଂ କୁହନ୍ତି ଯେ, لَا خَوۡفٌ عَلَیۡہِمۡ وَلَا ہُمۡ یَحۡزَنُوۡنَ **(ଅଲ ବକ୍ରାହ୍: 39)** ଅର୍ଥାତ୍ ସେମାନଙ୍କର ଭବିଷ୍ୟତ ପାଇଁ କୌଣସି ପ୍ରକାରର ଭୟ ରହିବ ନାହିଁ କି ସେମାନେ ଅତୀତର ତ୍ରୁଟି ପାଇଁ ଦୁଃଖିତ ଓ ମନସ୍ତାପ କରିବେ ନାହିଁ । ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି وَہُوَ یَتَوَلَّی الصّٰلِحِیۡنَ **(ଅଲ୍ ଆରାଫ୍: 197)** ଅଲ୍ଲାଃତାଲା ହିଁ ଧର୍ମନିଷ୍ଠମାନଙ୍କୁ ସାହାଯ୍ୟ କରିଥାଆନ୍ତି ।"

ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଯେଉଁ ବ୍ୟକ୍ତିମାନେ ଅଲ୍ଲାଃତାଲାଙ୍କୁ ଧରନ୍ତି (ଉପାସନା କରନ୍ତି) ଅଲ୍ଲାଃତାଲା ସେହି ବ୍ୟକ୍ତିମାନଙ୍କର (ବନ୍ଧୁ) ହୋଇଯାଆନ୍ତି । ଯେଉଁ ବସ୍ତୁକୁ ସେମାନେ ଦେଖନ୍ତି ଅଲ୍ଲାଃତାଲା ସେମାନଙ୍କର ଚକ୍ଷୁ (ଆଖି) ପାଲଟି ଯାଆନ୍ତି । ଯେଉଁ କର୍ଣ୍ଣରୁ ସେମାନେ ଶୁଣନ୍ତି ଅଲ୍ଲାଃତାଲା ସେମାନଙ୍କର କର୍ଣ୍ଣ (କାନ) ପାଲଟି ଯାଆନ୍ତି । ଯେଉଁ ପାଦ ସାହାଯ୍ୟରେ ସେମାନେ ଚାଲନ୍ତି ଅଲ୍ଲାଃତାଲ ସେହି ଲୋକମାନଙ୍କର ପାଦ ଅର୍ଥାତ୍ ସେହି ଧର୍ମନିଷ୍ଠ ବ୍ୟକ୍ତିମାନଙ୍କ ପାଦ ହୋଇଯାଆନ୍ତି। ସେହିପରି ଅନ୍ୟ ଏକ ହଦିସ୍‌ରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଯେଉଁ ବ୍ୟକ୍ତି ମୋର ବନ୍ଧୁ ଏବଂ ମୋର ସନ୍ଥଙ୍କ ପ୍ରତି ଶତ୍ରୁତା ପ୍ରଦର୍ଶନ କରେ ମୁଁ ସେହି ବ୍ୟକ୍ତିକୁ କହେ କି ହେ ବ୍ୟକ୍ତି ! ତୁ ମୋ ସହିତ ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଯାଅ। ସେହିପରି ଅନ୍ୟ ଏକ ହଦିସ୍‌ରେ ଅଲ୍ଲାଃତାଲା କହିଲେ, ଯେତେବେଳେ କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କ ମିତ୍ର ତଥା ତାହାଙ୍କ ସନ୍ଥଙ୍କ ଉପରେ ଆକ୍ରମଣ କରିଥାଏ ସେତେବେଳେ ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ଆକ୍ରମଣ କରିଥାଏ । ଅର୍ଥାତ୍ ଯେପରି ଏକ ବାଘୁଣୀ ଠାରୁ ତା'ର ଶାବକକୁ କୌଣସି ବ୍ୟକ୍ତି ଛଡ଼ାଇ ନେବାକୁ ଯେତେବେଳେ ଉଦ୍ୟମ କରେ ସେତେବେଳେ ସେହି ବାଘୁଣୀ କ୍ରୋଧିତ ହୋଇ ଶିକାରୀ ବ୍ୟକ୍ତି ଉପରେ ଆକ୍ରମଣ କରି ଦେଇଥାଏ ।" ଆପଣ ଅ.ସ କୁହନ୍ତି: "ଯେତେବେଳେ ମନୁଷ୍ୟ ଅଲ୍ଲାଃତାଲାଙ୍କ ଆଡ଼କୁ ପାଦ ବଢାଏ ସେତେବେଳେ ଅଲ୍ଲାଃତାଲା ମଧ୍ୟ ତା' ଆଡ଼କୁ ପାଦ ବଢାଇ ଥାଆନ୍ତି । ଅଲ୍ଲାଃତାଲାଙ୍କର ଦୟା ପ୍ରତ୍ୟେକ ବ୍ୟକ୍ତି ସହିତ ହୋଇଥାଏ । ତେଣୁ ଯେଉଁ ବ୍ୟକ୍ତିଙ୍କ ଉପରେ ଅଲ୍ଲାଃତାଲାଙ୍କ କୃପାବତୀର୍ଣ୍ଣ ହୋଇଥାଏ ସେହି କୃପା ସେମାନଙ୍କ ନିମନ୍ତେ ନିଦର୍ଶନର ଆଖ୍ୟା ଲାଭ ପାଇଥାଏ । ବର୍ତ୍ତମାନ ଆଁହଜରତ ସ.ଅଙ୍କ ସହିତ ସର୍ବାଧିକ ନିଦର୍ଶନ ପ୍ରଦର୍ଶନ କରାଯାଇଛି । ଶତ୍ରୁମାନେ ଆପଣ ସ.ଅଙ୍କ ଅସଫଳତା ନିମନ୍ତେ ଅନେକ ଉଦ୍ୟମ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)



**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

କଲେ । କିନ୍ତୁ କୌଣସି ଉଦ୍ୟମ ସଫଳ ହେଲା ନାହିଁ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ଅବିଶ୍ୱାସକାରୀମାନେ ଯୋଜନା ମଧ୍ୟ ପ୍ରସ୍ତୁତ କଲେ। କିନ୍ତୁ ପରିଶେଷରେ ସେମାନେ ଅକୃତକାର୍ଯ୍ୟ ଓ ଅସଫଳ ହେଲେ ।" ଆପଣ ଅ.ସ କୁହନ୍ତି: "ତୁମେମାନେ ନିଜ ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରେମ ଓ ତାହାଙ୍କ ମର୍ଯ୍ୟାଦାର ପରମ୍ପରା ଜାରି ରଖ ଓ ଏଥି ନିମନ୍ତେ ନମାଜ୍ ଅପେକ୍ଷା ଅନ୍ୟ କୌଣସି ବସ୍ତୁ ଅଧିକ ଉତ୍କୃଷ୍ଟ ଓ ଶ୍ରେୟସ୍କର ହୋଇପାରିବ ନାହିଁ । ପ୍ରକୃତ ପ୍ରସଙ୍ଗ ଏହିକି ଯେ, ଅଲ୍ଲାଃତାଲାଙ୍କ ସମ୍ମୁଖରେ ନିଜର ପୁଣ୍ୟାବଳୀ ଉପସ୍ଥାପିତ କରାଯାଉ ଓ ଏଥି ନିମନ୍ତେ ସର୍ବୋତ୍ତମ ବସ୍ତୁ ହେଉଛି ନମାଜ୍ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆମେମାନେ ରମ୍ଜାନ୍ ମାସ ଦେଇ ଅତିକ୍ରମ କରିଛେ, ନମାଜ୍ର ଅବସ୍ଥା ମଧ୍ୟ ଦେଇ ଅତିକ୍ରମ କରିଛେ, ପୁଣ୍ୟାବଳୀର ଅବସ୍ଥା ମଧ୍ୟ ଦେଇ ଆମେମାନେ ଅତିକ୍ରମ କରିଛେ । ବର୍ତ୍ତମାନ ସେହି ପୁଣ୍ୟାବଳୀ, ନମାଜକୁ ଜାରି ରଖିବା ଓ ଅଲ୍ଲାଃତାଲାଙ୍କ କୃପାକୁ ଆକୃଷ୍ଟ କରିବା ନିମନ୍ତେ ଏହି ନମାଜ୍ ଓ ପୁଣ୍ୟାବଳୀକୁ ନିୟମିତ ରୂପେ ନିଜ ଜୀବନର ଏକ ଅଙ୍ଗ ରୂପେ ବରଣ କରିବା ଜରୁରୀ ଅଟେ । ପୁଣ୍ୟାବଳୀ ବିନା ଏବଂ ନମାଜ୍ ବିନା ଅନ୍ୟଗତି ନାହିଁ। ଆପଣ ଅ.ସ କହିଲେ, ରୋଜା ତ' ଗୋଟିଏ ବର୍ଷ ପରେ ଆସିଥାଏ, ଜକାତ୍ ଧନୀକ ବ୍ୟକ୍ତିକୁ ଦେବାକୁ ପଡ଼ିଥାଏ । ଯେଉଁ ବ୍ୟକ୍ତି ପାଖରେ ଧନ ରହିଛି ସେହି ବ୍ୟକ୍ତି ଉପରେ ଜକାତ୍ ପୈଠ କରିବା ଅନିର୍ବାର୍ଯ୍ୟ ଅଟେ । ପ୍ରତ୍ୟେକ ବ୍ୟକ୍ତିକୁ ଜକାତ୍ ଦେବାକୁ ପଡ଼ି ନଥାଏ । ଜକାତ୍ ମଧ୍ୟ ଏକ ପୁଣ୍ୟ ଅଟେ । କିନ୍ତୁ ନମାଜ୍ ପ୍ରତ୍ୟେକ ଅଧିକାରୀ ବ୍ୟକ୍ତିକୁ ପାଞ୍ଚବେଳା ପାଠ କରିବାକୁ ପଡ଼ିଥାଏ । ସେ ପଛେ ଧନୀକ ହେଉ କି ଗରିବ ହେଉ, ଛୋଟ ହେଉ କି ବଡ଼ ହେଉ ସେହି ବ୍ୟକ୍ତି ନମାଜ ପାଠ କରୁ । ନମାଜକୁ ନଷ୍ଟ କର ନାହିଁ । ନମାଜକୁ ବାରମ୍ବାର ପାଠ କର ଏବଂ ପୂର୍ଣ୍ଣ ମନୋଯୋଗପୂର୍ବକ ଏବଂ ଧ୍ୟାନପୂର୍ବକ  ନମାଜ ପାଠ କର । ନିଜ ମନରେ ଏହି ଧାରଣା ସୃଷ୍ଟି କର ଯେ, ତୁମେମାନେ ଏପରି ଏକ ଶକ୍ତିଶାଳୀ ଅସ୍ତିତ୍ୱଙ୍କ ସମ୍ମୁଖରେ ଛିଡ଼ା ହୋଇଛ ଯେ, ଯଦି ତାହାଙ୍କର ଇଚ୍ଛା ହେଲା ତେବେ ସେ ତତ୍‌କ୍ଷଣାତ୍ ତୁମ ଦୁଆକୁ ସ୍ୱୀକାର କରିନେବେ । ତେଣୁ ତୁମମାନଙ୍କ ମଧ୍ୟରେ ଏପରି ଦୃଢ଼ ବିଶ୍ୱାସ ଥିବା ଉଚିତ୍ ଯେ, ତୁମେମାନେ ଏହା ମନେକରିବ ଯେ, ମୁଁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଛିଡ଼ା ହୋଇଛି ଯିଏ ଏପରି ଶକ୍ତିର ଅଧିକାରୀ ଅଟନ୍ତି ଯେ, ସେ ଯଦି ଚାହିଁବେ ତେବେ ଏହି ମୁହୂର୍ତ୍ତରେ ମୋର ଦୁଆକୁ ସ୍ୱୀକାର କରିନେବେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସଂସାରର ଶାସକମାନେ ତ' ରାଜକୋଷର ଅଭିଳାଷୀ ଥାଆନ୍ତି । ସେମାନେ ଚିନ୍ତିତ ଥାଆନ୍ତି ଯେ, ସେମାନଙ୍କର ରାଜକୋଷ ଖାଲି ହୋଇ ନଯାଉ । ଦାରିଦ୍ର୍ୟତା ସେମାନଙ୍କୁ ଗ୍ରାସ କରିନେବ ବୋଲି ସେମାନେ ଚିନ୍ତିତ ଥାଆନ୍ତି । ସେହି ଶାସକମାନଙ୍କର ରାଜକୋଷକୁ ଅର୍ଥ ଆସିଥାଏ । କିନ୍ତୁ ତତ୍‌ସହିତ ସେମାନଙ୍କୁ ଏହି ଚିନ୍ତା ମଧ୍ୟ ଘାରିଥାଏ ଯେ, ଆମେମାନେ ଯଦି ନିଃଶଙ୍କୋଚ ରାଜକୋଷର ଅର୍ଥକୁ ଖର୍ଚ୍ଚ କରି ଚାଲିଲୁ ତେବେ ଆମମାନଙ୍କର ରାଜକୋଷ ଖାଲି ହୋଇ ନଯାଉ । ଆଜିକାଲି ପାଶ୍ଚାତ୍ୟ ଜଗତର ଯେଉଁ ରାଷ୍ଟ୍ରମାନ ଅଛନ୍ତି ସେମାନଙ୍କୁ ନିଜକୁ ଅତି ଧନୀକ ରାଷ୍ଟ୍ର ବୋଲି ମନେକରୁଥିଲେ ସେମାନଙ୍କର ମଧ୍ୟ ଏହି ଅବସ୍ଥା ରହିଛି । ସେମାନେ ଏହା ଭାବୁଥିଲେ ଯେ, ଆମମନାନଙ୍କ ପାଖରେ ଅର୍ଥ ରହିଛି ଯାହା କେବେ ବି ସରିବ (ସମାପ୍ତ) ନାହିଁ। କିନ୍ତୁ ସେମାନଙ୍କର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି । ସେମାନଙ୍କର ଅର୍ଥନୀତି ବିନାଶ ମୁହାଁ ଆଡ଼କୁ ଅଗ୍ରସର । ଦରଦାମ. ମୂଲ୍ୟବୃଦ୍ଧି ଏବଂ ମହଙ୍ଗା ମାଡ଼ ସବୁଠି ବୃଦ୍ଧି ପାଇବାରେ ଲାଗିଛି । ଟଙ୍କାର ମୂଲ୍ୟ ହ୍ରାସ ପାଉଛି, ପାଉଣ୍ଡର ମୂଲ୍ୟ ହ୍ରାସ ପାଉଛି, ଡଲାରର ମୂଲ୍ୟ ମଧ୍ୟ ହ୍ରାସ ପାଉଛି ଏବଂ ଏକ ଉପଦ୍ରବ ସୃଷ୍ଟି ହୋଇଛି । ସେହି ଧନୀକ ଓ ବିକଶିତ ଦେଶମାନଙ୍କୁ ଏହି ଚନ୍ତା ଘାରିଛି ଯେ, ସେମାନଙ୍କର ଅର୍ଥନୀତିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ସେଇଥିପାଇଁ ସେମାନେ ଅନେକ କଟକଣା ମଧ୍ୟ ଲଗାଇ ଦେଇଛନ୍ତି । କିନ୍ତୁ ଈଶ୍ୱରଙ୍କ ନିଧି ଏବଂ କୋଷ ସର୍ବଦା ପରିପୂର୍ଣ୍ଣ ଅଟେ। ମନୁଷ୍ୟ ଯେତେବେଳେ ତାହାଙ୍କ ସମ୍ମୁଖରେ ଛିଡ଼ା ହୋଇଥାଏ ସେତେବେଳେ କେବଳ ବିଶ୍ୱାସର ହିଁ ଆବଶ୍ୟକତା ପଡ଼ିଥାଏ । "

ହୁଜୁର ଅନ୍ୱର୍ ଅ.ବ କହିଲେ, ମନୁଷ୍ୟ ମଧ୍ୟରେ ଏହି ବିଶ୍ୱାସ ହେବା ଉଚିତ୍ ଯେ, ଅଲ୍ଲାଃତାଲାଙ୍କ ମଧ୍ୟରେ ସକଳ ଶକ୍ତି ଓ ସମାର୍ଥ୍ୟତା ରହିଛି, ତାହାଙ୍କ ରାଜକୋଷ ଏବଂ ତାହାଙ୍କ ନିଧି ଚିରକାଳ ପାଇଁ ପରିପୂର୍ଣ୍ଣ ଅଟେ । ତେଣୁ ଯେତେବେଳେ ମନରେ ଏହି ବିଶ୍ୱାସ ଓ ଏହି ଧାରଣା ସୃଷ୍ଟି ହେବ ସେତେବେଳେ ବ୍ୟକ୍ତି ଯଦି ଅଲ୍ଲାଃତାଲାଙ୍କୁ କୌଣସି ବସ୍ତୁ ଭିକ୍ଷା (ମାଗିହ) କରିବ ତେବେ ଅଲ୍ଲାଃତାଲାଙ୍କ ମଧ୍ୟରେ ସେହି ସମସ୍ତ ଶକ୍ତି ବିଦ୍ୟମାନ ରହିଛି ଯେ, ସେ ବ୍ୟକ୍ତିର ଦୁଆକୁ ସ୍ୱୀକାର କରି ସେହି ମୁହୂର୍ତ୍ତରେ ହିଁ ଭକ୍ତ ଏବଂ ବ୍ୟକ୍ତିକୁ ତାହା ପ୍ରଦାନ କରିଦେବେ । ଆପଣ ଅ.ସ କହିଲେ, ବ୍ୟକ୍ତିର ଉକ୍ତ କଥା ଉପରେ ବିଶ୍ୱାସ ଥିବା ଉଚିତ୍ ଯେ, ମୁଁ (ବ୍ୟକ୍ତି) ଏକ ପ୍ରାର୍ଥନାକୁ ସ୍ୱୀକାର କରୁଥିବା, ଅନ୍ତର୍ଯାମୀ, ସର୍ବଜ୍ଞ ଓ ସର୍ବଶକ୍ତିମାନ ଅସ୍ତିତ୍ୱଙ୍କ ସମ୍ମୁଖରେ ଛିଡ଼ା ହୋଇଛି। ତେଣୁ ଯଦି ତାହାଙ୍କ (ଈଶ୍ୱରଙ୍କ) ମନରେ ଦୟା ଆସିଲା ଏବଂ ତାହାଙ୍କର କୃପା ଯଦି ମୋ ଉପରେ ହେଲା ତେବେ ସେ ଏହି ମୁହୂର୍ତ୍ତରେ ହିଁ ସବୁକିଛି ମୋତେ ପ୍ରଦାନ କରିଦେବେ । ତେଣୁ ବ୍ୟକ୍ତି ଅତ୍ୟନ୍ତ ବିନୀତତା, ରୋଦନମୟ, ଆକୁଳ ହୋଇ ଦୁଆ କରିବା ଉଚିତ୍ । ମନ ଭିତରେ କଦାପି ନିରାଶା ଓ କୁଧାରଣା ସୃଷ୍ଟି ହେବା ଅନୁଚିତ୍ ଅଟେ । ବ୍ୟକ୍ତି ଯଦି ଏପରି କରିବ ତେବେ ସେ ସେହି ଆଶ୍ୱସ୍ତିକୁ ଖୁବ୍ ଶୀଘ୍ର ଦେଖିନେବ ଏବଂ ଅଲ୍ଲାଃତାଲାଙ୍କ କୃପା ସେହି ବ୍ୟକ୍ତି ଉପରେ ହେବ । ମନୁଷ୍ୟ ଯଦି ଏହିପରି ଅବସ୍ଥା ନିଜ ମଧ୍ୟରେ ସୃଷ୍ଟି କରିନିଏ ତେବେ ଅଲ୍ଲାଃତାଲାଙ୍କ କୃପାକୁ ସେ ପ୍ରାପ୍ତ କରିନେବ ଓ ତା'କୁ ଈଶ୍ୱର ମଧ୍ୟ ପ୍ରାପ୍ତ ହେବେ। ଅତଏବ୍ ଏହି ପନ୍ଥା ରହିଛି ଯେଉଁ ପନ୍ଥାର ମନୁଷ୍ୟ ନିୟମାନୁବର୍ତ୍ତୀ ହେବା ଉଚିତ୍। କିନ୍ତୁ ଅତ୍ୟାଚାରୀ, ପାପୀର ଦୁଆ କେବେ ବି ସ୍ୱୀକୃତ ହୋଇ ନଥାଏ । କାରଣ ସେ ଈଶ୍ୱରଙ୍କ ଠାରୁ ଅବଚେତନ ହୋଇଥାଏ । ଜଣେ ପୁତ୍ର ଯଦି ନିଜ ପିତାଙ୍କର କୌଣସି ଚିନ୍ତା କରେ ନାହିଁ ଏବଂ ପିତାଙ୍କାର ଆଦେଶର ଅବଜ୍ଞା କରି ଅବଜ୍ଞାକାରୀ ହୁଏ ତେବେ ପିତା ମଧ୍ୟ ସେହି ପୁତ୍ରର କୌଣସି ଚିନ୍ତା କରିବ ନାହିଁ। ସେହିପରି ଈଶ୍ୱର କାହିଁକି ଅକର୍ମଣ୍ୟ ଅବଜ୍ଞାକାରୀ ବ୍ୟକ୍ତିର ଚିନ୍ତା କରିବେ । ସେ ମଧ୍ୟ ଭ୍ରୁକ୍ଷେପ କରିବେ ନାହିଁ । **(ମଲ୍‌ଫୁଜାତ୍, ଭାଗ-4, ପୃ-400-402, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ଅତଏବ୍ ଆପଣ ଅ.ସ କୁହନ୍ତି: "ଆମ ଜମାଅତ୍ ପକ୍ଷେ ଏହା ଉଚିତ୍ ଯେ, ଆମ ଜମାଅତ୍‌ର ସଦସ୍ୟବୃନ୍ଦ ଈଶ୍ୱରଙ୍କ ସହିତ ପ୍ରକୃତ ସଂପର୍କ ସ୍ଥାପନ କରି ନିଅନ୍ତୁ ଏବଂ ନିଜର ବିଶ୍ୱାସିକ ଶକ୍ତିକୁ ବିଶ୍ୱାସର ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରନ୍ତୁ । ଏହା ହିଁ ସେହି ଅଭିପ୍ରାୟ ଯେଉଁ ଅଭିପ୍ରାୟ ସକାଶେ ମୁଁ ଏହି ସଂସାରଲୋକକୁ ଆସିଅଛି । ଯଦି ଆପଣମାନେ ଉକ୍ତ ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରୁ ନାହାନ୍ତି ତାହାହେଲେ ଆପଣମାନେ ମୋର ଯେଉଁ ବୈଅତ୍ କରିଛନ୍ତି ତାହାର କୌଣସି ମୂଲ୍ୟ ନାହିଁ । ତାହା ନିରର୍ଥକ ଅଟେ । ତେଣୁ ଆମମାନଙ୍କୁ ମଧ୍ୟ ଏହି ଉଦ୍ୟମ ମଧ୍ୟ କରିବା ଉଚିତ୍ ଯେ, ନିଜର ପୁଣ୍ୟାବଳୀକୁ ବୃଦ୍ଧି କରି ଚାଲନ୍ତୁ ଓ ଅଲ୍ଲାଃତାଲାଙ୍କ ସହିତ ବିଶେଷ ସଂପର୍କ ସୃଷ୍ଟ କରନ୍ତୁ, ଏହା ହିଁ ଆମମାନଙ୍କ ଜୀବନର ପରମ ଅଭିପ୍ରାୟ ଅଟେ । ଏହା ହିଁ ଜମାଅତ୍‌ର ଉନ୍ନତିର ଆମମାନଙ୍କ ନିମନ୍ତେ ଲାଭ ପ୍ରଦାନକାରୀ ବସ୍ତୁ ଅଟେ । ଏହା ହିଁ ଆମମାନଙ୍କର ବିପତ୍ତିରୁ ରକ୍ଷା କରିବ ଏବଂ ଆମମାନଙ୍କୁ ସମସ୍ୟାରୁ ଉଦ୍ଧାର କରିବ । ଏହା ଦ୍ୱାରା **ଇନ୍‌ଶାଅଲ୍ଲାଃ** ଜମାଅତ୍ ଉନ୍ନତି କରୁ କରୁ ସେହି ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଯିବ ଯେଉଁ ସ୍ଥାନ ସଂପର୍କରେ ଅଲ୍ଲାଃତାଲା ଆମମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ।"

ଆପଣ ଅ.ସ କୁହନ୍ତି: " ମସିହ୍ ମଉଦ୍‌ର ଯେଉଁ କାର୍ଯ୍ୟ ରହିଛି ସେହି କାର୍ଯ୍ୟ ମଧ୍ୟରୁ ପ୍ରଥମ କାର୍ଯ୍ୟ ଏହିକି ଯେ, ଅଲ୍ଲାଃତାଲା ଯେଉଁ ନିଦର୍ଶନ ଦେଖାଉଛନ୍ତି ତାହା ଆଁହଜରତ ସ.ଅଙ୍କ କାଳରେ ମଧ୍ୟ ଦେଖାଇଥିଲେ । ସେହି ପର୍ଯ୍ୟାୟ ଓ ସେହି କ୍ରମରେ ବର୍ତ୍ତମାନ ମଧ୍ୟ ଅଲ୍ଲାଃତାଲା ନିଦର୍ଶନ ଦେଖାଉଛନ୍ତି । ଅଲ୍ଲାଃତାଲା ସ୍ୱୟଂ ନିଦର୍ଶନ ଦେଖାଉଛନ୍ତି ଏବଂ ଏବେ ମଧ୍ୟ ଦେଖାଇ ଚାଲିଛନ୍ତି । ଆପଣ ଅ.ସ କହିଲେ, ଅଲ୍ଲାଃତାଲା ଏହିସବୁ ନିଦର୍ଶନ ଦେଖାଇ ଏହା ପ୍ରମାଣିତ କରିବାକୁ ଚାହୁଁଛନ୍ତି ଯେ, ଅଲ୍ଲାଃତାଲା ଆମମମାଙ୍କର ଦୁଆକୁ ଶୁଣିଥାଆନ୍ତି ଏବଂ ସେ ହିଁ ଆମମାନଙ୍କର ଦୁଆକୁ ସ୍ୱୀକାର ମଧ୍ୟ କରିଥାଆନ୍ତି । ଆମମାନଙ୍କ ସହିତ ଅଲ୍ଲାଃତାଲାଙ୍କ ସମର୍ଥନ ରହିଛି ପୁନଶ୍ଚ ଆପଣ ଅ.ସ କହିଲେ, "ମୋର ଆଗମନର ଦ୍ୱତୀୟ ଅଭିପ୍ରାୟ ଏହିକି ଯେ, ଈଶ୍ୱରଙ୍କ ସହିତ ଭକ୍ତମାନଙ୍କର ସଂପର୍କ ସୃଷ୍ଟି କରାଯାଉ । ଗୋଟିଏ କାର୍ଯ୍ୟ ଅଲ୍ଲାଃତାଲାଙ୍କର ଅଟେ । ସେହି କାର୍ଯ୍ୟର ପ୍ରତିଶ୍ରୁତି ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସହିତ କରିଛନ୍ତି । ଦ୍ୱିତୀୟ କାର୍ଯ୍ୟ ଆମମାନଙ୍କ ଉପରେ ନ୍ୟସ୍ତ ହୋଇଛି । କାରଣ ଆମେମାନେ ପ୍ରଭୁଙ୍କର କୃତଜ୍ଞତା ଜ୍ଞାପନକାରୀ ଭକ୍ତ ବିବେଚିତ ହେବୁ ଓ ତାହାଙ୍କ ଉପାସନାର ଅଧିକାର ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ ତଥା ଆମେମାନେ ନିଜର ବିଶ୍ୱାସରେ ଉନ୍ନତି କରି ଚାଲିବୁ । ଯେତେବେଳେ ଏପରି ହେବ ସେତେବେଳେ ଅଲ୍ଲାଃତାଲାଙ୍କ କୃପାକୁ ଆମେମାନେ ପ୍ରାପ୍ତ କରିବାକୁ ସକ୍ଷମ ହେବୁ ଓ ଆମେମାନେ ସେତେବେଳେ ବୈଅତ୍‌ର ଅଧିକାରକୁ ସମ୍ପାଦନକରୀ ବ୍ୟକ୍ତି ରୂପେ ବିବେଚିକ ହେବୁ । ଅତଏବ୍ ଏହା ହିଁ ଆମମାନଙ୍କର ହ. ମସିହ୍ ମଉଦ୍

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅ.ସଙ୍କ ବୈଅତରେ ସାମିଲ୍ ହେବାର ମୂଳାଭିପ୍ରାୟ ଅଟେ ।"

ଆପଣ ଅ.ସ କୁହନ୍ତି: "ଆମମାନଙ୍କର ଜମାଅତ୍ ନିମନ୍ତେ ଉପରୋକ୍ତ କଥା ଆବଶ୍ୟକ ଯେ, ଜମାଅତ୍‌ର ବିଶ୍ୱାସ ବୃଦ୍ଧି ପାଉ । ଅଲ୍ଲାଃତାଲାଙ୍କ ଉପରେ ପ୍ରକୃତ ବିଶ୍ୱାସ ଏବଂ ଅଧ୍ୟାତ୍ମ ପରିଚୟ ସୃଷ୍ଟି ହେଉ । ପୁଣ୍ୟ କର୍ମରେ ଆଳସ୍ୟତା ଏବଂ ଅବହେଳା ସୃଷ୍ଟି ଯେପରି ନହେଉ । କାରଣ ଯଦି ଆଳସ୍ୟତା ସୃଷ୍ଟି ହୁଏ ତେବେ ୱଜୁ କରିବା ମଧ୍ୟ ଏକ ବିପତ୍ତି ଏବଂ କଷ୍ଟକର ବୋଲି ଅନୁଭୂତ ହୋଇଥାଏ । ଅତଏବ୍ କେଉଁ କାରଣ ରହିଛି ସେ ନମାଜ ତେହଜ୍ଜୁଦ୍ ପାଠ କରିବ ? ଯଦି ସତ୍‌କର୍ମ କରିବା ନିମନ୍ତେ ଶକ୍ତି ଏବଂ ସାମର୍ଥ୍ୟ ପ୍ରାପ୍ତ ନୁହୁଏ, ପୁଣ୍ୟ କର୍ମ ସମ୍ପାଦନ କରିବା ନିମନ୍ତେ ମନରେ ପ୍ରତିସ୍ୱର୍ଦ୍ଧିତ ମନୋଭାବ ଓ ଉତ୍ସାହ ଯଦି ସୃଷ୍ଟି ନହୁଏ ତେବେ ଆମମାନଙ୍କ (ହ. ମସିହ୍ ମଉଦ୍ ଅ.ସଙ୍କ ସହିତ) ସହିତ ସଂପର୍କ ସ୍ଥାପନ କରିବା ବୃଥା ଅଟେ। ଯଦି ଆପଣମାନେ ନିଜ ମଧ୍ୟରେ ପରିବର୍ତ୍ତନ ସୃଷ୍ଟି କରୁ ନାହାନ୍ତି, ନିଜ ମଧ୍ୟରେ ପୁଣ୍ୟ କର୍ମ ସମ୍ପାଦନ କରିବା ନିମନ୍ତେ ଏକ ଅଭୂତପୂର୍ବ ଉତ୍ସାହ ସୃଷ୍ଟି କରୁ ନାହାନ୍ତି, ଯଦି ଆମେମାନେ ଅଲ୍ଲାଃତାଲାଙ୍କ ଉପାସନା କରିବା ନିମନ୍ତେ ମନରେ ଆବେଗ, ଉତ୍ସାହ ସୃଷ୍ଟି କରୁ ନାହୁଁ ତେବେ ସେପରିପ୍ରେକ୍ଷୀରେ ମୋର ବୈଅତ୍‌ରେ ଆସିବାର କୌଣସି ଲାଭ ନାହିଁ । ବୈଅତ୍ କରିବା ବୃଥା ଅଟେ ।"

ଆପଣ ଅ.ସ କହିଲେ, ଆମ ଜମାଅତ୍‌ରେ ସେହି ବ୍ୟକ୍ତି ପ୍ରବିଷ୍ଟ (ପ୍ରବେଶ) ହୋଇଥାଏ ଯିଏ ଆମମାନଙ୍କର ଶିକ୍ଷାକୁ ନିଜର କାର୍ଯ୍ୟ ପ୍ରଣାଳୀ ରୂପେ ବିବେଚିତ କରିଥାଏ ଏବଂ ନିଜର ସାହସ ଓ ଉଦ୍ୟମାନୁଯାୟୀ ଆମ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିଥାଏ । କିନ୍ତୁ ଯେଉଁ ବ୍ୟକ୍ତି ନିଜର ନାମ ଅହେମଦି ରଖି ଆମ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରେ ନାହିଁ, ସେହି ବ୍ୟକ୍ତି ଏକଥା ମନେରଖୁ କି ଅଲ୍ଲାଃତାଲା ଏହି ଜମାଅତ୍‌କୁ ଏକ ବିଶେଷ ଜମାଅତ୍ ରୂପେ ଗଢିବା ନିମନ୍ତେ ସଂକଳ୍ପ କରିଛନ୍ତି । କୌଣସି ବ୍ୟକ୍ତି ନିଜର ନାମରେ କେବଳ ଅହେମଦି ଲେଖି ଦେଲେ ଜମାଅତ୍‌ରେ ପ୍ରବିଷ୍ଟ ଓ ଅନ୍ତର୍ଭୁକ୍ତ ହୋଇଯାଇ ନଥାଏ । ସେହି ବ୍ୟକ୍ତି ଉପରେ ଏପରି କୌଣସି ନା କୌଣସି ସମୟ ଆସିଥାଏ ଯେ, ସେହି ବ୍ୟକ୍ତି ଦୁର୍ଭାଗ୍ୟଜନକ ରୂପେ ଜମାଅତ୍ ଠାରୁ ପୃଥକ୍ ମଧ୍ୟ ହୋଇପାରିବ ଏବଂ ପୃଥକ୍ ମଧ୍ୟ ହୋଇଯିବ । ଅତଏବ୍ ଯେଉଁ ଶିକ୍ଷା ପ୍ରଦାନ କରାଯାଇଥାଏ ସେହି ଶିକ୍ଷାନୁଯାୟୀ ଯଥା ସମ୍ଭବ ନିଜର କର୍ମକୁ କରିବା ଉଚିତ୍ ।" ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମନୁଷ୍ୟର କର୍ମ ଡେଣା ଓ ପର ପରି ଅଟନ୍ତି । କର୍ମ ସମ୍ପାଦନ କରିବା ବ୍ୟତୀରେକ ମନୁଷ୍ୟ ଆଧ୍ୟାତ୍ମିକ ସ୍ତର ପର୍ଯ୍ୟନ୍ତ ଅଗ୍ରସର ହୋଇପାରି ନଥାଏ । ଯେପରି ପକ୍ଷୀମାନେ ପବନରେ ଉଡ଼ି ବୁଲନ୍ତି । ଠିକ୍ ସେହିପରି କର୍ମ ମଧ୍ୟ ଆଧ୍ୟାତ୍ମିକ ସ୍ତରକୁ ଉଚ୍ଚ ଏବଂ ବୃଦ୍ଧି କରିବା ନିମନ୍ତେ ଆବଶ୍ୟକ କରିଥାଏ । ମନୁଷ୍ୟ ଯଦି ସତ୍‌କର୍ମ ସମ୍ପାଦନ କରିବ ତେବେ ମନୁଷ୍ୟ ଊର୍ଦ୍ଧ୍ୱମୁଖୀ (ଉପରକୁ ଉଡ଼ି ପାରିବ) ହୋଇପାରିବ ଏବଂ ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ ହୋଇପାରିବ । କର୍ମ ବ୍ୟତୀରେକ ମନୁଷ୍ୟ ଆଧ୍ୟାତ୍ମିକ ସ୍ତର ଆଡ଼କୁ ଉଡ଼ି ପାରିବ ନାହିଁ (ଅଗ୍ରସର ଓ ଉନ୍ନୀତ ହୋଇପାରିବ ନାହିଁ) ଓ ସେହି ଅଭିପ୍ରାୟକୁ ପ୍ରାପ୍ତ କରି ପାରିବ ନାହିଁ ଯାହାକି ସେହି ଅଭିପ୍ରାୟ ମଧ୍ୟରେ ଅଲ୍ଲାଃତାଲା ନିହିତ କରିଛନ୍ତି । ପୀକ୍ଷୀମାନଙ୍କ ମଧ୍ୟରେ ଭାବବୋଧ କରିବାର ଶକ୍ତି ଏବଂ କ୍ଷମତା ରହିଥାଏ। ଅଲ୍ଲାଃତାଲା ସେହି ପକ୍ଷୀମାନଙ୍କର ସ୍ୱଭାବ ମଧ୍ୟରେ ଯେଉଁ ଶକ୍ତି ଓ ସମାର୍ଥ୍ୟ ରଖିଛନ୍ତି ସେମାନେ ଯଦି ନିଜର ବୁଦ୍ଧି ଓ ଭାବବୋଧ ବିନିଯୋଗ ନକରନ୍ତି ତେବେ ସେମାନଙ୍କର ଦ୍ୱାରା ଯେଉଁ କାର୍ଯ୍ୟ ସମ୍ପାଦନ ହୋଇଥାଏ ତାହା ସମ୍ପାଦନ ହେବ ନାହିଁ । ଉଦାହରଣ ସ୍ୱରୂପ ମହୁମାଛି ମଧ୍ୟରେ ଯଦି ଭାବକୁ ବୋଧ (ବୁଝିବାର) କରିବା ଶକ୍ତି ନଥାଆନ୍ତା ତେବେ ସେ ପୁଷ୍ପରୁ ମଧୁ (ମହୁ) ବାହାର କରିପାରନ୍ତା ନାହିଁ । ସେହିପରି ସନ୍ଦେଶବାହକ ପାରାମାନେ ରହିଛନ୍ତି ସେହି ପାରାମାନଙ୍କର ପୂର୍ବ କାଳରେ ସନ୍ଦେଶ ପ୍ରେରଣ ନିମନ୍ତେ ଅଧିକ ରୂପେ ବ୍ୟବହାର କରାଯାଉଥିଲା। ସେହି ପାରାମାନେ ନିଜର ଭାବବୋଧକୁ ବିନିଯୋଗ କରିବାକୁ ପଡ଼ିଥାଏ । ସେହି ପାରାମାନେ ଦୂରବର୍ତ୍ତୀ ସ୍ଥାନ ଅତିକ୍ରମ କରିଥାଆନ୍ତି ଏବଂ ପତ୍ର ପହଞ୍ଚାଇ ଥାଆନ୍ତି । ଠିକ୍ ସେହିପରି ପକ୍ଷୀମାନଙ୍କ ଠାରୁ ଅଦ୍ଭୂତ ଓ ବିଚିତ୍ର କାମ ମଧ୍ୟ ଆଦାୟ କରାଯାଇଥାଏ । ସୁତରାଂ ପ୍ରଥମେ ଏହା ଆବଶ୍ୟକ ଯେ, ବ୍ୟକ୍ତି ନିଜର ଭାବବୋଧକୁ ଏବଂ ବିବେକକୁ ବିନିଯୋଗ କରୁ ଏବଂ ତା' ପରେ ବିଚାର କରୁ କି ମୁଁ ଯେଉଁ କାର୍ଯ୍ୟ ସମ୍ପାଦନ କରିବାକୁ ଲାଗିଛି ତାହା ଅଲ୍ଲାଃତାଲାଙ୍କ ଅଦେଶାବଳୀ ଅନୁଯାୟୀ ତାହାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଉଦ୍ଦିଷ୍ଟ ଅଟେ ଅବା ନୁହେଁ ? ଯେତେବେଳେ ବ୍ୟକ୍ତି ଏହାକୁ ଦେଖିନେବ ଓ ନିଜର ଭାବବୋଧ ତଥା ବୁଦ୍ଧିକୁ ବିନିଯୋଗ କରିନେବ ସେତେବେଳେ ହାତ ଦ୍ୱାରା କାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ । ପୁନଶ୍ଚ ବ୍ୟବହାରିକ ରୂପେ ନିଜର ହସ୍ତକୁ ହଲାଇବା ମଧ୍ୟ ଆବଶ୍ୟକ ଅଟେ । ବ୍ୟକ୍ତି ପ୍ରଥମେ ଚିନ୍ତା କରୁ, ବୁଦ୍ଧି ଖଟାଉ କି ମୁଁ ଯେଉଁ ପୁଣ୍ୟାବଳୀର କାର୍ଯ୍ୟ କରିବି ତାହାର ସୁପରିଣାମ ବାହାରିବ । ଏହା ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ଅଟନ୍ତି ଅବା ନୁହେଁ ପୁନଶ୍ଚ ଏହା ପରେ ସେହି ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରୁ । ଅତଏବ୍ ବ୍ୟକ୍ତି ଆଦେଶାବଳୀକୁ କାର୍ଯ୍ୟକାରୀ କରିବାରେ ଆଳସ୍ୟତା ଏବଂ ଅବହେଳା ପ୍ରଦର୍ଶନ ନକରୁ । ହଁ ଏକଥା ଦେଖିନେବା ଉଚିତ୍ ଯେ, ଶିକ୍ଷା ଏବଂ ଆଦେଶାବଳୀ ସଠିକ୍ ଏବଂ ଉଚିତ୍ ହୋଇଥିବା ଉଚିତ୍ । ବେଳେବେଳେ ଏପରି ମଧ୍ୟ ହୋଇଥାଏ ଯେ, ଶିକ୍ଷା ସଠିକ୍ ହୋଇଥାଏ । କିନ୍ତୁ ମନୁଷ୍ୟ ନିଜର ଅଜ୍ଞତା, ଅଜାଣତରେ ଓ ମୂର୍ଖତା ଯୋଗୁଁ କିମ୍ବା ଅନ୍ୟ ବ୍ୟକ୍ତିର ଉପଦ୍ରବ ଓ ଭୁଲ ବିବୃତି ଯୋଗୁଁ ଧୋକା (ଭ୍ରମର ଶିକାର ହୋଇ ଯାଇଥାଏ)ରେ ପଡ଼ିଯାଇଥାଏ । ଏହ ମଧ୍ୟ ହୋଇଯାଇଥାଏ ଯେ, ବେଳେବେଳେ ସୈତାନ୍ ବ୍ୟକ୍ତିକୁ ଧୋକା ଦେଇ ଦେଇଥାଏ । ସୁତରାଂ ଉପରୋକ୍ତ ଶିକ୍ଷାନୁଯାୟୀ ବ୍ୟକ୍ତି ଭ୍ରମର ଶିକାର ହୋଇଥାଏ । ତେଣୁ ବ୍ୟକ୍ତିକୁ ବୁଝିବା ଉଚିତ୍ । ଅତଏବ୍ ଏହା ନିତ୍ୟାନ୍ତ ଆବଶ୍ୟକ ଯେ, ପ୍ରତ୍ୟେକ ଅହେମଦି ନିଜର କର୍ମ ସମ୍ପାଦନ କରି ଅଲ୍ଲାଃତାଲାଙ୍କ ସାମୀପ୍ୟତା ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରୁ ଏବଂ ଶୂନ୍ୟ ମସ୍ତିଷ୍କ ହୋଇ ଚିନ୍ତା କରୁ ।" **(ମଲ୍‌ଫୁଜାତ୍, ଭାଗ-4, ପୃ-438-440, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବ୍ୟକ୍ତି ପ୍ରଥମେ ନିଜର ଆତ୍ମ ସମୀକ୍ଷା କରୁ, ପୁନଶ୍ଚ ଶିକ୍ଷା ଉପରେ ବିଚାର କରୁ ଓ ଦୁଆ କରୁ ପୁନଶ୍ଚ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରୁ । ଏତଦ୍‌ପରେ ଏହି ଅଭିପ୍ରାୟ ହେବା ଉଚିତ୍ କି ମୁଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବି । ଅତଏବ୍ ଆମେମାନେ ଯେତେବେଳେ ଏହିସବୁ କଥା ଉପରେ କାର୍ଯ୍ୟାନୁସରଣ କରିବୁ ଓ ଶିକ୍ଷାକୁ କାର୍ଯ୍ୟକାରୀ କରିବୁ ସେତେବେଳେ ଯାଇ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ର ଅଭିପ୍ରାୟକୁ ଚରିତାର୍ଥକାରୀ (ପୂର୍ଣ୍ଣକାରୀ) ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ । ପୁନଶ୍ଚ ଏକ ସ୍ଥଳେ ଆପଣ ଅ.ସ ନିଜର ଉପାସନାର ସ୍ତରକୁ ଉନ୍ନୀତ ଏଭଂ ବୃଦ୍ଧି କରିବା ନିମନ୍ତେ ଉପଦେଶ କୁହନ୍ତି: "ଅଲ୍ଲାଃତାଲାଙ୍କୁ ପୂର୍ଣ୍ଣ ପ୍ରେମ କର ଏବଂ ପ୍ରକୃତ ଏକେଶ୍ୱରବାଦ ଅଲ୍ଲାଃତାଲାଙ୍କୁ ପ୍ରେମ କରିବା ଦ୍ୱାରା ସ୍ଥାପିତ ହୋଇପାରିବ । ଏଥି ନିମନ୍ତେ ଯେଉଁଠି ତୁମେମାନେ ସ୍ୱୀକାରୋକ୍ତି ପ୍ରକାଶ କରିଥାଅ ଯେ, ଆମେମାନେ ଅଲ୍ଲାଃାତାଲାଙ୍କୁ ଭଲ ପାଇଥାଉ, ତାହାଙ୍କ ଏକେଶ୍ୱରବାଦ ସ୍ଥାପନ କରିବାକୁ ଆମେମାନେ ପ୍ରୟାସୀ ସେଠାରେ ଏହି ପୁଷ୍ଟି ମଧ୍ୟ ଅନିର୍ବାର୍ଯ୍ୟ ଅଟେ । ତେଣୁ ଏଥି ନିମନ୍ତେ ଅଲ୍ଲାଃତାଲାଙ୍କ ସମ୍ମୁଖରେ କାକୁତି ମିନତୀ ଏବଂ ବିନୀତତା ପ୍ରକାଶ କରିବା ମଧ୍ୟ ଆବଶ୍ୟକ ଅଟେ। ଅତଏବ୍ ଯେତେବେଳେ ଏହି କଥା ହେବ ସେତେବେଳେ ଯାଇ ଆମେମାନେ ପ୍ରକୃତ ଏକେଶ୍ୱରବାଦକୁ ସମ୍ପାଦନାକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ ଓ ଏକେଶ୍ୱରବାଦ ଉପରେ ତଥା ଏକେଶ୍ୱରବାଦ ଶିକ୍ଷା ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ଏକେଶ୍ୱରବାଦକୁ ପ୍ରସାରିତ ଓ ପରିବ୍ୟାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବୁ ।"

**(ମଲ୍‌ଫୁଜାତ୍, ଭାଗ-3, ପୃ-187, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ପୁନଶ୍ଚ ଉକ୍ତ କଥାର ସ୍ୱଷ୍ଟୀକରଣ ପ୍ରଦାନ କରି ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କୁ ପ୍ରେମ କିରବା, ତହିଁରୁ କ'ଣ ଯଥାର୍ଥ ଅଟେ ? ତହିଁରୁ ଏହା ହିଁ ଯଥାର୍ଥ ଯେ, ନିଜର ଅଭିଭାବକ ଓ ନିଜର ପତ୍ନି, ସନ୍ତାନ, ନିଜର୍ ଆତ୍ମା ଓ ନିଜର ପ୍ରତ୍ୟେକ ବସ୍ତୁ ଉପରେ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ଅଗ୍ରାଧିକାର ଦିଆଯାଉ । ସୁତରାଂ ପବିତ୍ର କୁରଆନ୍ କରୀମ୍‌ରେ ଏହି ବର୍ଣ୍ଣନା ମିଳେ ଯେ, فَاذْكُرُوا اللّٰهَ كَذِكْرِكُمْ اٰبَآءَكُمْ اَوْ اَشَدَّ ذِكْرًا **(ଅଲ୍ ବକ୍ରାହ୍: 201)** ଅର୍ଥାତ୍ ତୁମେମାନେ ଅଲ୍ଲାଃତାଲାଙ୍କୁ ଏପରି ଅଧିକ ସ୍ମରଣ କର ଯେପରି ତୁମେମାନେ ଅତୀତରେ ନିଜର ପିତୃ ପିତାମହମାନଙ୍କୁ ସ୍ମରଣ କରୁଥିଲ । ଆପଣ ଅ.ସ କହିଲେ, ଏଠାରେ ଏକଥା ମଧ୍ୟ ବିଚାରଯୋଗ୍ୟ ଯେ, ଅଲ୍ଲାଃତାଲା ଏହି ଶିକ୍ଷା ଦେଇ ନାହାନ୍ତି ଯେ, ତୁମେମାନେ ଅଲ୍ଲାଃତାଲାଙ୍କୁ ପିତା କହି ସମ୍ବୋଧନ କର । ବରଂ ଅଲ୍ଲାଃତାଲା ଏହା ଶିଖାଇଛନ୍ତି ଯେ, ତୁମମାନଙ୍କୁ ଖ୍ରୀଷ୍ଟିଆନ୍‌ମାନଙ୍କ ପରି ଭ୍ରମ ନଲାଗୁ ଓ ତୁମେମାନ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପରି ଭ୍ରମର ଶିକାର ଯେପରି ହୋଇ ନଯାଅ । ସେଇଥିପାଇଁ ଅଲ୍ଲାଃତାଲା କହିଲେ, ତୁମେମାନଙ୍କୁ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପରି ଧୋକା ନଲାଗୁ ଯେ, ତୁମେମାନେ ଈଶ୍ୱରଙ୍କୁ ପିତା କହି ସମ୍ବୋଧନ କରିବ । ଯଦି କୌଣସି ବ୍ୟକ୍ତି ଏପରି କଥା କହିଲା ଏବଂ ଅଲ୍ଲାଃତାଲାଙ୍କୁ ପିତା କହି ସମ୍ବୋଧନ କଲା ତେବେ ତା' ପିତା ପ୍ରତି ବ୍ୟକ୍ତିର ମନ ଭିତରେ ଥିବା ପ୍ରେମର ସ୍ତର ହ୍ରାସ ପାଇଲା । ସେଇଥିପାଇଁ ଉକ୍ତ ଆପତ୍ତିକୁ ଦୂରୀଭୂତ କରିବା ନିମନ୍ତେ ଅଲ୍ଲାଃତାଲା اَشَدَّ ذِكْرًاର ଶବ୍ଦ ପ୍ରୟୋଗ କଲେ । ତେଣୁ اَشَدَّ ذِكْرًاର ଚର୍ଚ୍ଚା ଯଦି ହୋଇ ନଥାଆନ୍ତା ତେବେ ଆପତ୍ତି ହୋଇପାରି ଥାଆନ୍ତା । କିନ୍ତୁ ବର୍ତ୍ତମାନ ଅଲ୍ଲାଃତାଲା ଉକ୍ତ ସମସ୍ୟାର ସମାଧାନ କରିଦେଲେ ଯେ, ତୁମେମାନେ ନିଜର ପିତୃ ପିତାମହଙ୍କ ଅପେକ୍ଷା ଅଲ୍ଲାଃତାଲାଙ୍କୁ ସର୍ବାଧିକ ସ୍ମରଣ (ପ୍ରେମ) କର ଓ ଅଲ୍ଲାଃତାଲାଙ୍କର ସର୍ବାଧିକ ଚର୍ଚ୍ଚା କର ।"

ଆପଣ ଅ.ସ କୁହନ୍ତି: "ପ୍ରକୃତ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଏହା ଆବଶ୍ୟକ ଯେ, ଅଲ୍ଲାଃତାଲାଙ୍କୁ ଭଲ ପାଇବାରେ ପୂର୍ଣ୍ଣ ରୂପେ ଅଂଶ ଗ୍ରହଣ କର ଏବଂ ଯେପର୍ଯ୍ୟନ୍ତ ତୁମେମାନେ ବ୍ୟବହାରିକ ରୂପେ ସଂପୂର୍ଣ୍ଣ ହୋଇଯାଇ ନାହଁ ସେପର୍ଯ୍ୟନ୍ତୁ ତୁମେମାନେ ଉକ୍ତ ପ୍ରେମକୁ (ଏକେଶ୍ୱରବାଦମୂଳକ) ସାବ୍ୟସ୍ତ କରିପାରିବ ନାହିଁ । କେବଳ ମୁଖରୁ ଏବଂ ମୌଖିକ ରୂପେ ଏହି ଏକେଶ୍ୱରବାଦମୂଳକ ପ୍ରେମ ସାବ୍ୟସ୍ତ ହୋଇ ନଥାଏ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଯଦି କୌଣସି ବ୍ୟକ୍ତି ଚିନି କିମ୍ବା ମିସ୍ରୀର ନାମ ଉଚ୍ଚାରଣ କରିଦିଏ ତେବେ ତା' ତୁଣ୍ଡ ମିଠା ହୋଇଯାଇ ନଥାଏ । କେବଳ ମିଠାର ନାମୋଚ୍ଚାରଣ କରିଦେଲେ ପାଟି ମିଠା ହୋଇଯାଇ ନଥାଏ । ମିଠାର ନାମ ନେଲେ ପାଟି ମିଠା ହୋଇଯାଇ ନଥାଏ । ବ୍ୟକ୍ତି ଯଦଗି ପାଟିରୁ କୌଣସି ମିତ୍ର ବା ସାଙ୍ଗ ସହିତ ମିତ୍ରାତାର ସ୍ୱୀକାରୋକ୍ତି ପ୍ରକାଶ କରେ କିନ୍ତୁ ବିପଦ ଓ ବେଳ ପଡ଼ିଲେ ବନ୍ଧୁକୁ ସାହାଯ୍ୟ କରିବାକୁ ମନା କରି ଦେଇଥାଏ। ସାଙ୍ଗ ଯେତେବେଳେ ନିଜର ଅନ୍ୟ ସାଙ୍ଗର ହାତ ଧରିବାକୁ ମନା କରିଦିଏ ସେତେବେଳେ ସେହି ବନ୍ଧୁ ବା ସାଙ୍ଗ ପ୍ରକୃତ ବନ୍ଧୁ ରୂପେ ବିବେଚିତ ହୋଇପାରିବ

ନାହିଁ। ଠିକ୍ ସେହିପରି ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ କେବଳ ମୌଖିକ୍ ରୂପେ ତୁଣ୍ଡରୁ ଉଚ୍ଚାରଣ କରିଦେଲେ ଯଦି ତା' ସହିତ ମୌଖିକ ପ୍ରେମର ସ୍ୱୀକାରୋକ୍ତି ବିଦ୍ୟମାନ ଥାଏ ତେବେ ତାହା କୌଣସି ଲାଭ ଦେଇ ନଥାଏ । ବରଂ ମୌଖିକ ସ୍ୱୀକାରୋକ୍ତି ପରିବର୍ତ୍ତେ ବ୍ୟବାହାରିକ ଅଂଶକୁ ଅଧିକ ଆବଶ୍ୟକ କରିଥାଏ । ତହିଁରୁ ଏହା କଦାପି ଯଥାର୍ଥ ନୁହଁ ଯେ, ମୌଖିକ ସ୍ୱୀକାରୋକ୍ତି କୋଣସି ପ୍ରସଙ୍ଗ ନୁହେଁ । ମୋର ଅଭିପ୍ରାୟ ଏବଂ କହିବାର ତାତ୍ପର୍ଯ୍ୟ ଏହିକି ଯେ, ମୌଖିକ ସ୍ୱୀକାରୋକ୍ତି ସହିତ ବ୍ୟବହାରିକ ପୁଷ୍ଟି ମଧ୍ୟ ନିତ୍ୟାନ୍ତ ଅପରିହାର୍ଯ୍ୟ ଓ ଆବଶ୍ୟକ ଅଟେ । ତେଣୁ ଏଥି ନିମନ୍ତେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଜୀବନକୁ ଉତ୍ସର୍ଗ କରିଦିଅ ଏବଂ ଏହା ହିଁ ଇସ୍ଲାମ୍ ଧର୍ମ ଅଟେ । ଏହା ହିଁ ସେହି ଅଭିପ୍ରାୟ ଯେଉଁଥି ପାଇଁ ମୋତେ ପ୍ରେରଣ କରାଯାଇଛି । ସୁତରାଂ ଯେଉଁ ବ୍ୟକ୍ତି ଉକ୍ତ ଝରଣା ପାଖକୁ ଆସେ ନାହିଁ ଅର୍ଥାତ୍ ଯେଉଁ ଅଭିପ୍ରାୟ ସକାଶେ ଅଲ୍ଲାଃତାଲା ଉକ୍ତ ଝରଣାକୁ ଜାରି କରିଛନ୍ତି ତେବେ ସେହି ବ୍ୟକ୍ତି ନିସନ୍ଦେହ ରୂପେ ହତଭାଗ୍ୟ ହୋଇ ରହିବ ।" **(ମଲଫୁଜାତ୍, ଭାଗ-3, ପୃ-188-189, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କର ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ନିଜ ଜୀବନକୁ ଏପରି କରିବା ଉଚିତ୍ । ଏହା ଜୁରରୀ ନୁହେଁ ଯେ, ବ୍ୟକ୍ତି ୱକ୍ଫ (ନିଜକୁ ଉତ୍ସର୍ଗ କରି) ଜମାଅତ୍ର କର୍ମଚାରୀ ହୋଇଥାଏ । ବରଂ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଅଲ୍ଲାଃତାଲାଙ୍କ ବାର୍ତ୍ତାକୁ ପହଞ୍ଚାଇବା ନିମନ୍ତେ, ତାହାଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ନିଜର ଜୀବନକୁ ଏପରି କର ଯେପରି ଗଢିବା ଉଚିତ୍ ତେବେଯାଇ ତୁମେମାନେ କୃତକାର୍ଯ୍ୟ ହୋଇପାରିବ । ତୁମେମାନେ ଏହାକୁ ନିଜ ଜୀବନର ଅଭିପ୍ରାୟ ରୂପେ ମନେକର ଯେ, ତୁମେମାନେ କେବଳ ସାଂସାରିକତା ଉପାର୍ଜନ କରିବା ନିମନ୍ତେ ଏହି ସଂସାରକୁ ଆସି ନାହଁ । ବରଂ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ରେ ଆସି ଆମେମାନେ ଅଲ୍ଲାଃତାଲାଙ୍କର ଏକେଶ୍ୱରବାଦକୁ ସଂସାରରେ ସ୍ଥାପନ ଓ ପ୍ରସାରିତ କରିବା ନିମନ୍ତେ ଯଥା ସମ୍ଭବ ପ୍ରୟାସ କରିବୁ । ଯେତେବେଳେ ଏପରି ମାନସିକତା ସୃଷ୍ଟି ହେବ ସେତେବେଳେ ଜମାଅତର ପ୍ରତ୍ୟେକ ସଦସ୍ୟବୃନ୍ଦ ନିଜର ଭୂମିକା ନିର୍ବାହ କରୁଥିବ । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦର ଧ୍ୱଜା ସଂସାରରେ ଉଡ଼ାଇବା ନିମନ୍ତେ ଓ ଏକେଶ୍ୱରବାଦ ପ୍ରସାରିତ ତଥା ପରିବ୍ୟାପ୍ତ କରିବା ନିମନ୍ତେ ଓ ଆଁହଜରତ ସ.ଅଙ୍କ ଧ୍ୱଜା ତଳେ ଆଣିବା ନିମନ୍ତେ ଉଦ୍ୟମ କରୁଥିବ । ସୁତରାଂ ଉକ୍ତ ରମ୍ଜାନ ମାସରେ ଯେଉଁଠି ଆମେମାନେ ଏହି ଶପଥ ତଥା ଅଙ୍ଗୀକାର କରିଛେ କି ଆମେମାନେ ଉପାସନା ପ୍ରତି ବିଶେଷ ଧ୍ୟାନ ଦେବୁ ଓ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରତି ମଧ୍ୟ ଆମେମାନେ ଧ୍ୟାନ ଦେବୁ । ଆମେମାନେ ପୁଣ୍ୟାବଳୀ ସମ୍ପାଦନ କରିବା ପ୍ରତି ମଧ୍ୟ ଧ୍ୟାନ ଦେବୁ । ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦକୁ ସଂପ୍ରସାରିତ କରିବା ଦିଗରେ ମଧ୍ୟ ଆମେମାନେ ଧ୍ୟାନ ଦେବୁ । ଅତଏବ୍ ଏଥି ନିମନ୍ତେ ଆମମାନଙ୍କୁ ଉଦ୍ୟମ ମଧ୍ୟ କରିବାକୁ ହେବ । ଉକ୍ତ ଉଦ୍ୟମ ତଥା ପ୍ରୟାସ କେବଳ ଏହି ରମ୍ଜାନ ମସାରେ ସମାପ୍ତ ହେବା ଉଚିତ୍ ନୁହଁ । ବରଂ ବର୍ଷ ବର୍ଷ ଧରି ଅବ୍ୟାହତ ରହିବା ଉଚିତ୍ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେତେବେଳେ ଏହି ଉଦ୍ୟମ ବର୍ଷ ତମାମ୍ ଜାରି ରହିବ ସେତେବେଳେ ଆମେମାନେ ଉକ୍ତ ଅଭିପ୍ରାୟକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ । ଏହା ହିଁ ଆମ ଜୀବନର ପରମ ଅଭିପ୍ରାୟ ଅଟେ । ଯଦି ଏପରି ନୁହେଁ ତେବେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ, ତାହାଙ୍କ ନିର୍ଦ୍ଦେଶାବଳୀ ଉପରେ, ଆଁହଜରତ ସ.ଅଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରି ଆମେମାନେ ଯେଉଁ ଯୁଗାବତାର, ଧର୍ମାଧ୍ୟକ୍ଷଙ୍କର ବୈଅତ୍ କରିଛେ ତାହା ଫଳପ୍ରଦ ହେବ ନାହିଁ । ସେହି ଅଭିପ୍ରାୟକୁ ଆମେମାନେ ପ୍ରାପ୍ତ କରିପାରିବୁ ନାହିଁ । ଆମମାନଙ୍କୁ ଯେଉଁ ଲାଭ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ରେ ଆସି ପ୍ରାପ୍ତ ହୋଇ ପାରିବ ସେହି ଲାଭ ଏବଂ ସେହି କଥାରୁ ଆମେମାନେ ଉପକୃତ ହୋଇ ପାରିବା ନାହିଁ । ଅତଏବ୍ ଆମମାନଙ୍କୁ ଉକ୍ତ କଥା ପ୍ରତି ଧ୍ୟାନ ରଖିବା ଉଚିତ୍ ଯେ, ଆମେମାନେ ବୈଅତ୍ କରିବା ପରେ ନିଜ ମଧ୍ୟରେ ଏକ ବିଶେଷ ପରିବର୍ତ୍ତନ କରିବାକୁ ହେବ ଓ ଏହି ରମ୍ଜାନ୍ ମାସରେ ଯେଉଁ ଦୁଆ କରିଛେ, ଯେଉଁ ପୁଣ୍ୟାବଳୀ ପ୍ରାପ୍ତ କରିଛେ ସେଗୁଡ଼ିକୁ ସମଗ୍ର ଜୀବନର ଏକ ଅଙ୍ଗ ରୂପେ ବରଣ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି: "ତୁମେମାନେ ଯଦି ସାଂସାରିକ ବ୍ୟକ୍ତିଙ୍କ ପରି ରହିବ ତେବେ ତହିଁରୁ କିଛି ଲାଭ ପ୍ରାପ୍ତ ହେବ ନାହିଁ ଯେ, ତୁମେମାନେ ମୋ ହସ୍ତରେ କ୍ଷମା ଯାଚନା କରିଛ । ମୋ ହସ୍ତରେ ତୌବା (କ୍ଷମା ଯାଚନା କରିବା) ଏକ ମୃତ୍ୟୁକୁ ଆବଶ୍ୟକ କରିଥାଏ । କାରଣ ତୁମେମାନେ ନୂତନ ଜୀବନରେ ଆଉ ଏକ ଜନ୍ମ ପ୍ରାପ୍ତ କରିନିଅ । ଯଦି ହୃଦୟର ସହିତ ବୈଅତ୍ କରାଯାଇ ନାହିଁ ତେବେ ତାହାର କୌଣସି ମୂଲ୍ୟ ନାହିଁ ଏବଂ ସୁଫଳ ମଧ୍ୟ ମିଳିବ ନାହିଁ । ମୋର ବୈଅତ୍ କରିବା ଅଲ୍ଲାଃତାଲାଙ୍କ ହୃଦୟର ସ୍ୱୀକାରୋକ୍ତିକୁ ମଧ୍ୟ ଆଶା କରିଥାଏ । ଅତଏବ୍ ଯେଉଁ ବ୍ୟକ୍ତି ସତ୍ହୃଦୟ ହୋଇ ମୋତେ ସ୍ୱୀକାର କରେ, ନିଜର ପାପରୁ ପ୍ରକୃତ କ୍ଷମାଯାଚନା କରିଥାଏ ତେବେ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ସେହି ବ୍ୟକ୍ତିର ପାପକୁ ଅବଶ୍ୟ କ୍ଷମା ପ୍ରଦାନ କରିଦେଇ ଥାଆନ୍ତି। ସେହି ବ୍ୟକ୍ତି ଏପରି ହୋଇ ଯାଇଥାଏ ଯେପରିକି ସେ ନିଜ ମାତା (ମା) ଗର୍ଭରୁ (ପେଟରୁ) ଜନ୍ମ ନେଇଛି । ସେତେବେଳେ ଦେବଦୂତମାନେ ସେହି ବ୍ୟକ୍ତିର ସୁରକ୍ଷା କରିଥାଆନ୍ତେ ।" ଆପଣ ଅ.ସ କୁହନ୍ତି: "ଗୋଟିଏ ଗ୍ରାମରେ ଯଦି ଜଣେ ପୁଣ୍ୟବାନ ଓ ସଦାଚାରୀ ବ୍ୟକ୍ତି ଥାଏ ତେବେ ଅଲ୍ଲାଃତାଲା ସେହି ପୁଣ୍ୟବାନ ବ୍ୟକ୍ତି ସକାଶେ ସେହି ଗ୍ରାମକୁ ବିନାଶରୁ ସୁରକ୍ଷିତ କରିନେଇ ଥାଆନ୍ତି । କିନ୍ତୁ ଯେତେବେଳେ ବିନାଶ ଆସିଥାଏ ସେତେବେଳେ ତାହା ସମସ୍ତ ଉପରେ ପଡ଼ିଥାଏ । କିନ୍ତୁ ଈଶ୍ୱର ନିଜର ଭକ୍ତମାନଙ୍କୁ କୌଣସି ନା କୌଣସି ଉପାୟରେ ଏବଂ ପନ୍ଥା ଦ୍ୱାରା ବଞ୍ଚାଇ ନେଇ ଥାଆନ୍ତି । ଅଲ୍ଲାଃତାଲାଙ୍କ ଏହି ପରମ୍ପରା ରହିଛି ଯେ, ଯଦି ଗୋଟିଏ ବି ପୁଣ୍ୟବାନ ବ୍ୟକ୍ତି ଗ୍ରାମରେ ଥିବ ତେବେ ସେହି ପୁଣ୍ୟବାନ୍ ବ୍ୟକ୍ତି ଯୋଗୁଁ ସମସ୍ତ ଗ୍ରାମବାସୀ ବିପତ୍ତି ଓ ବିନାଶରୁ ବର୍ତ୍ତିଯାଇ ଥାଆନ୍ତି । "

**(ମଲଫୁଜାତ୍, ଭାଗ-3, ପୃ-262, ସଂସ୍କରଣ ବର୍ଷ-1984 ମସିହାରୁ ଉଦ୍ଧୃତ)**

ହୁଜୁର ଅନୱ ଅ.ବ କହିଲେ, ଅତଏବ୍ ଆଜିକାଲି ଯେଉଁ ପରିସ୍ଥିତି ରହିଛି ସେହି ପରିସ୍ଥିତିରେ ବିଶେଷ କରି ଯେଉଁଠି ଆମେମାନେ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଓ ନିଜର ଆଗାମୀ ବଂଶଧରମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଉଦ୍ୟମ କରିବା ଉଚିତ୍, ସଂସାରକୁ ସୁରକ୍ଷିତ ଏବଂ ବଞ୍ଚାଇବା ନିମନ୍ତେ ମଧ୍ୟ ଉଦ୍ୟମ କରିବା ଉଚିତ୍ । ତେଣୁ ଆପଣମାନେ ଏକେଶ୍ୱରବାଦକୁ ସଂସାରରେ ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ଯେଉଁଠି ଆପଣମାନେ ଅନ୍ୟମାନଙ୍କୁ ଆଁହଜରତ୍ ସ.ଅଙ୍କ ଧ୍ୱଜା ତଳେ ସମସ୍ତଙ୍କୁ ଆଣିବା ନିମନ୍ତେ ଉଦ୍ୟମ କରିବେ ସେଠାରେ ଏଥି ନିମନ୍ତେ ଆମମାନଙ୍କୁ ନିଜ ମଧ୍ୟରେ ଏକ ବିଶେଷ ପ୍ରକାରର ପରିବର୍ତ୍ତନ ନିୟମିତ ରୂପେ ସୃଷ୍ଟି କରିବାକୁ ହେବ ଓ ନିୟମିତ ଦୁଆକୁ ନିଜ ଜୀବନର ଏକ ଅଙ୍ଗ ରୂପେ ବରଣ କରିବାକୁ ହେବ। କାହିଁକି ନା ଆମେମାନେ ନିଜେ ସୁରକ୍ଷିତ ରହିବା ସହିତ ସଂସାରକୁ ମଧ୍ୟ ସୁରକ୍ଷିତ ରଖି ପାରିବୁ । କାରଣ ସଂସାର ଅତି ଦ୍ରୁତ ଗତିରେ ବିନାଶ ଆଡ଼କୁ ଅଗ୍ରସର ହେଉଛି ଓ ଅଲ୍ଲାଃତାଲା ଯଦି ଚାହିଁବେ ତେବେ ସେ ସଂସାରର ସଂଶୋଧନ ଓ ସୁଧାର ନିମନ୍ତେ ଏପରି ସାଧନ ସୃଷ୍ଟି କରିପାରିବେ ଯଦ୍ଦ୍ୱାରାକି ଲୋକମାନଙ୍କ ହୃଦୟକୁ ସେ ପରିବର୍ତ୍ତନ କରିଦେବେ । ଫଳତଃ ଲୋକମାନେ ଏବଂ ସଂସାର ସେହି ବିନାଶରୁ ବର୍ତ୍ତି ପାରିବ । ବିନାଶ ଯଦି ଆସିବ ସେତେବେଳେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ବିନାଶରୁ ବଞ୍ଚାଇନେବେ । ସୁତରାଂ ବିନାଶରୁ ବର୍ତ୍ତିବାକୁ ହେଲା ଏହା ଆବଶ୍ୟକ କି ଆମେମାନେ ନିଜର କର୍ମକୁ ସେହି ମାର୍ଗ ମୁହାଁ କରାଇବୁ ଏବଂ ନିଜର କର୍ମକୁ ଏପରି ସମ୍ପାଦନ କରିବୁ ଯେ, ସେହି ସତ୍କର୍ମ ଦ୍ୱାରା ଅଲ୍ଲାଃତାଲାଙ୍କ କୃପା ଆମମାନଙ୍କ ଉପରେ ସୈଦବ୍ (ସର୍ବଦା) ହେଉଥିବ । ଆମେମାନେ ଅଲ୍ଲାଃତାଲାଙ୍କ ସହିତ କିପରି ସଂପର୍କ ସୃଷ୍ଟି କରିବା ଉଚିତ୍ ? କିପରି ଆମେମାନେ ଧର୍ମପରାୟଣ ମାର୍ଗରେ ଚାଲିବୁ ? କିପରି ଆମେମାନେ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କରିବୁ ? ଆମେମାନେ କିପରି ଏକେଶ୍ୱରବାଦ ସଂସାରରେ ସ୍ଥାପନ କରିବୁ ଓ କିପରି ଆମେମାନେ ସଂସାରକୁ ଧ୍ୱଂସମୁଖରୁ ବଞ୍ଚାଇବୁ ? ଆମେମାନେ କିପରି ନିଜକୁ ବିନାଶ ଓ ଆକ୍ରମଣରୁ ରକ୍ଷା କରିବୁ ? ଅତଏବ୍ ଯେତେବେଳେ ଏହିସବୁ ପ୍ରସଙ୍ଗ ହେବ ଓ ଆମମାନଙ୍କ ମଧ୍ୟରେ ଏହି ଭାବନା ସୃଷ୍ଟି ହେବ ସେତେବେଳେ ଯାଇ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍ର ଅଧିକାରକୁ ସମ୍ପାଦନ ଓ ନିର୍ବାହକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ । ଅଲ୍ଲାଃତାଲା କରନ୍ତୁ କି ଆମେମାନେ ବୈଅତ୍ର ଅଧିକାର ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ ଓ ଏହି ରମ୍ଜାନ୍ ମାସ ଆମମାନଙ୍କ ପାଇଁ କଲ୍ୟାଣମୟ ସାବ୍ୟସ୍ତ ହେଉ । **ଆମିନ୍** । ଅଲ୍ଲାଃତାଲା ଆମମାନଙ୍କୁ ନିଜର କୃପା, ଦୟା, ରମଜାନ ମାସର କଲ୍ୟାଣ ଦ୍ୱାରା ପୁରସ୍କୃତ ଏବଂ ସମ୍ମାନିତ କରନ୍ତୁ ଓ ଆମମାନଙ୍କର ଆସନ୍ତା ରମଜାନ ମାସର ଓ ସଂପୂର୍ଣ୍ଣ ବର୍ଷ ଓ ପରବର୍ତ୍ତୀ ରମଜାନ ମାସ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଉପାସନାର ଅଧିକାର ଏବଂ କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ପରିଗଣିତ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଆମେମାନେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهُ

(ଅଲ୍ ଜୁମର: 36)

ଅନୁବାଦ: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍ଲୁଲ୍ ଇଫ୍କତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ଅଲ୍ଲାଃତାଲାଙ୍କ ଉପାସନାର ଅଧିକାର (କର୍ତ୍ତବ୍ୟ) ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚତ ହୋଇ ତାହାଙ୍କ (ଅଲ୍ଲାଃତାଲାଙ୍କ) ଭକ୍ତମାନଙ୍କର ଅଧିକାର ମଧ୍ୟ ସମ୍ପାଦନକାରୀ ବ୍ୟକ୍ତି ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍।**

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 18 ଅପ୍ରେଲ, 2025 ମସିହା, ପୃ-2-7)**

☆--☆--☆

## ପୃ-2ରେ ବର୍ଣ୍ଣିତ ଖୁତ୍‌ବା ଜୁମାର ଅବଶିଷ୍ଟାଂଶ....

ଆବଶ୍ୟକତା ନାହିଁ ଏବଂ ଲୋକମାନଙ୍କୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ। ସେହି କାଳରେ ହ. ମସିହ୍ ମଉଦ୍ ଅ.ସଙ୍କର ଲୋକମାନେ ଏବଂ ବିଦ୍ୱାନ୍‌ମାନେ ଭୂୟସୀ ପ୍ରଶଂସା ମଧ୍ୟ କରିଥିଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଇସ୍‌ଲାମ୍ ଧର୍ମର ଏହି ସେବା ଯୋଗୁଁ ଏବଂ ସେବାକୁ ଦେଖି କେତେକ ଲୋକମାନେ ଏହା ମଧ୍ୟ କହିଲେ ଯେ, ହେ ଯୁଗାବତାର ! ଆପଣ ଆମମାନଙ୍କ ଠାରୁ ବୈଅତ୍ (ଦୀକ୍ଷା) ନିଅନ୍ତୁ। କିନ୍ତୁ ଯେହେତୁ ଆପଣ ଅ.ସଙ୍କୁ ସେତେବେଳେ ଅଲ୍ଲାଃତାଲାଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇ ନଥିଲା ତେଣୁ ଆପଣ ଅ.ସ ସେତେବେଳେ ବୈଅତ୍ ନେଲେ ନାହିଁ। କିନ୍ତୁ ଯେତେବେଳେ ଅଲ୍ଲାଃତାଲାଙ୍କର ଆଦେଶ ହେଲା ସେତେବେଳେ ଆପଣ ଅ.ସ ବୈଅତ୍ ନେଲେ ଏବଂ ଏହିପରି ଭାବରେ ନୈଷ୍ଠିକ ବ୍ୟକ୍ତିମାନଙ୍କର ଏକ ଜମାଅତ ଆରମ୍ଭ ହେଲା । ସେହି ଜମାଅତ୍ ଜମାଅତ୍ ଅହେମଦିୟା ନାମରେ ନାମିତ ହେଲା । ପୁନଶ୍ଚ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଏହା ମଧ୍ୟ କହିଲେ ଯେ, ହେ ପ୍ରତିଶୃତ ମସିହ୍ ! ତୁମେ ଏହି ଘୋଷଣା କର କି ତୁମେ ହିଁ ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀ ଅଟ । ସେ ଯାହା ହେଉ ବୈଅତ୍ ପୂର୍ବରୁ ଆପଣ ଅ.ସ 1888 ମସିହା ଡିସେମ୍ବର ମାସରେ "ତବ୍‌ଲିଗ୍" ଏକ ଘୋଷଣା ପ୍ରକାଶିତ କରିଥିଲେ । ଉକ୍ତ ଘୋଷଣାରେ ଆପଣ ଅ.ସ କହିଲେ, ମୁଁ ଏଠାରେ ଆଉ ଏକ ସନ୍ଦେଶ ମଧ୍ୟ ଅଲ୍ଲାଃତାଲାଙ୍କ ଜନମାନସଙ୍କୁ ଏବଂ ନିଜର ମୁସଲମାନ ଭାଇମାନଙ୍କୁ ବିଶେଷ କରି ପହଞ୍ଚାଇ ଦେଉଛି । ଅର୍ଥାତ୍ ମୋତେ ଆଦେଶ ଦିଆଯାଇଛି (ଅଲ୍ଲାଃତାଲା ମୋତେ ଆଦେଶ ଦେଇଛନ୍ତି) ଯେ, ଯେଉଁ ଲୋକମାନେ ସତ୍ୟାନ୍ୱେଷୀ ଅଟନ୍ତି ସେମାନେ ପ୍ରକୃତ ବିଶ୍ୱାସ ଏବଂ ପ୍ରକୃତ ବିଶ୍ୱାସିକ ପବିତ୍ରତା ଏବଂ ଈଶ୍ୱର ପ୍ରେମର ରହସ୍ୟକୁ ଶିଖିବା ନିମନ୍ତେ ଏବଂ ଅପବିତ୍ର ଜୀବନ, ଆଳସ୍ୟପରାୟଣମୂଳକ ଜୀବନ ଏବଂ ବିଶ୍ୱାସଘାତକତାମୂଳକ ଜୀବନକୁ ପରିତ୍ୟାଗ କରିବା ନିମନ୍ତେ ମୋ ହସ୍ତରେ ବୈଅତ୍ କରନ୍ତୁ (ଦୀକ୍ଷା ଗ୍ରହଣ କରନ୍ତୁ)। ଅତଏବ୍ ଯେଉଁ ଲୋକମାନେ ନିଜ ଆତ୍ମା ମଧ୍ୟରେ କୌଣସି ପ୍ରକରର ସାମର୍ଥ୍ୟ ରଖନ୍ତି ସେମାନଙ୍କ ପକ୍ଷେ ଏହା ବିଧେୟ କି ସେମାନେ ମୋ ଆଡ଼କୁ ଆସନ୍ତୁ ଏବଂ ମୁଁ ସେମାନଙ୍କ ଦୁଃଖକୁ ବୁଝିବି ଏବଂ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବି ଏବଂ ସେମାନଙ୍କର ବୋଝକୁ ହାଲୁକା କରିବା ନିମନ୍ତେ ଉଦ୍ୟମ କରିବି । ଅଲ୍ଲାଃତାଲା ମୋର ଦୁଆ ଏବଂ ମୋର ଧ୍ୟାନରେ ସେମାନଙ୍କ ନିମନ୍ତେ କଲ୍ୟାଣ ପ୍ରଦାନ କରିବେ । କିନ୍ତୁ ସର୍ତ୍ତ ଏହିକି ଯେ, ସେମାନେ ମୌଖିକ ସର୍ତ୍ତାବଳୀ ଉପରେ ପରିଚାଳିତ ହେବା ନିମନ୍ତେ ମନ ଓ ପ୍ରାଣର ସହିତ ପ୍ରସ୍ତୁତ ରହିବେ । ଏହା ହେଉଛି ଐଶୀ ଆଦେଶାବଳୀ ଯେଉଁ ଆଦେଶାବଳୀକୁ ଆଜି ମୁଁ ତୁମମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛି । ଏଥି ସଂକ୍ରାନ୍ତରେ ଏକ ଆରବିକ ଐଶୀବାଣୀ ମଧ୍ୟ ରହିଛି । ତାହା ଏହିପରି ଯେ, اِذَاعَزَمْتَ فَتَوَكَّلْ عَلَى اللّٰهِ وَاصْنَعِ الْفُلْكَ بِاَعْيُنِنَا وَوَحْيِنَا ۔ اَلَّذِيْنَ يُبَايِعُوْنَكَ اِنَّمَا يُبَايِعُوْنَ اللّٰهَ ۔ يَدُ اللّٰهِ فَوْقَ اَيْدِيْهِمْ

**(ସବ୍‌ଜ୍ ଇସ୍ତିହାର୍, ରୁହାନୀ ଖଜାଏନ୍, ଭାଗ-2, ପୃ-470)**

ଅର୍ଥାତ୍ ତୁମ୍ଭେ ଯେତେବେଳେ ଉକ୍ତ ସେବା କରିବା ନିମନ୍ତେ ସ୍ଥିର କରି ନେଇଛ ଯେ, ଈଶ୍ୱର ଉପରେ ବିଶ୍ୱାସ କର ଏବଂ ଉକ୍ତ ଭେଳାଟି ଆମ୍ଭ ଚକ୍ଷୁ ସମ୍ମୁଖରେ ଆମ୍ଭ ଐଶୀବାଣୀ ଦ୍ୱାରା ନିର୍ମିତ ହୋଇଛି । ଯେଉଁ ଲୋକମାନେ ତୁମ୍ଭ ହସ୍ତରେ ବୈଅତ୍ କରିବେ (ଦୀକ୍ଷା ଗ୍ରହଣ କରିବେ) ସେମାନେ ତୁମ୍ଭର ନୁହେଁ ବରଂ ଈଶ୍ୱରଙ୍କ ହସ୍ତରେ ବୈଅତ୍ କରିବେ । ଈଶ୍ୱରଙ୍କ ହସ୍ତ ସେମାନଙ୍କ ହସ୍ତ ଉପରେ ଥିବ । ଅତଏବ୍ ଅଲ୍ଲାଃତାଲା ନିଦର୍ଶନମାନ ମଧ୍ୟ ଅବଲୋକନ କରାଇଲେ (ଦେଖାଇଲେ) । ଅର୍ଥାତ୍ ଆକାଶୀୟ ଓ ଭୂମିଜ ନିଦର୍ଶନ ମଧ୍ୟରୁ ଏକ ନିଦର୍ଶନ କୁସୁଫ୍ ଓ ଖୁସୁଫ୍ (ସୂର୍ଯ୍ୟ ଗ୍ରହଣ ଏବଂ ଚନ୍ଦ୍ର ପରାଗ) ଅନ୍ୟତମ ଥିଲା । ଏଥି ସଂକ୍ରାନ୍ତରେ ଆଁହଜରତ ସ.ଅ କହିଥିଲେ ଯେ, ମୋର ମେହ୍‌ଦୀଙ୍କର ଆଗମନ ନିମନ୍ତେ ଉକ୍ତ ନିଦର୍ଶନ ହେଉଛି ଏକ ବିଶେଷ ନିଦର୍ଶନ ଅଟେ। ଉକ୍ତ ନିଦର୍ଶନ ରମ୍‌ଜାନ୍ ମାସର ନିର୍ଦ୍ଧାରିତ ତାରିଖ ମଧ୍ୟରେ ଉଭୟ ଗ୍ରହ ନକ୍ଷତ୍ରକୁ ଲାଗିବାର ଥିଲା । **(ସୁନନୁତ୍ ଦାରୁ କୁତ୍‌ନୀ, କିତାବୁଲ୍ ଇଦୈନ୍, ସିଫତୁସ୍ ସଲାତୁଲ୍ ଖୁସୁଫି ୱଲ୍ କୁସୁଫି, ହଦିସ୍ ନଂ-1795, ପ୍ରକାଶନ ସ୍ଥାନ- ମୁଓସ୍ସସତୁର୍ ରିସାଲାତ୍, ବୈରୁତ୍)**

ଉକ୍ତ ନିଦର୍ଶନ 1894 ମସିହାରେ ପୂର୍ବୋତ୍ତର ଭାଗରେ ଏବଂ 1895 ମସିହାରେ ପଶ୍ଚିମ ଭାଗରେ ଦୃଶ୍ୟମାନ ହୋଇଥିଲା । ଉଭୟ ଚନ୍ଦ୍ର ଓ ସୂର୍ଯ୍ୟକୁ ଗ୍ରହଣ ଲାଗିଥିଲା। ପୂଣ୍ୟ ସ୍ୱଭାବର ଅଧିକାରୀ ଥିବା ଅନେକ ବ୍ୟକ୍ତିମାନେ ଉକ୍ତ ନିଦର୍ଶନକୁ ଦେଖି ଆପଣ ଅ.ସଙ୍କୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ସ୍ୱୀକାର କରିନେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ମୁଁ ପ୍ରାସଙ୍ଗିକ ରୂପେ ଏହା କହିଦେବାକୁ ଚାହୁଁଛି ଯେ, ଉକ୍ତ ରମ୍‌ଜାନ୍ ମାସରେ ମଧ୍ୟ ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗ ହୋଇଥିଲା । ଚନ୍ଦ୍ର ପରାଗ (ଚନ୍ଦ୍ର ଗ୍ରହଣ) ହୋଇ ସାରିଛି ଓ ଚନ୍ଦ୍ର ଗ୍ରହଣ ଲାଗିବାର ଅଛି । ସେହି ତାରିଖରେ ଲାଗିବ ଏବଂ ଭବିଷ୍ୟତରେ ସମ୍ଭବତଃ ମଧ୍ୟ ରମ୍‌ଜାନ୍ ମାସରେ ଏପରି ମହା ଜାଗତିକ ନିଦର୍ଶନ ଦେଖିବାକୁ ମିଳିପାରେ । କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଯେଉଁ ଗ୍ରହଣ ଲାଗିଥିଲା ତାହା ଆପଣ ଅ.ସଙ୍କ ଦାବି ପରେ ହିଁ ହୋଇଥିଲା । ତେଣୁ ସେହି ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗର ଏକ ବିଶେଷ ମହତ୍ତ୍ୱର ଅଧିକାରୀ ଅଟେ । ଆପଣ ଅ.ସ ଅଲ୍ଲାଃତାଲାଙ୍କ ଠାରୁ ଏକ ପାର୍ଥକ୍ୟକାରୀ ନିଦର୍ଶନ ଭିକ୍ଷା କରିଥିଲେ । ସୁତରାଂ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ସେହି ନିଦର୍ଶନ ଅବଲୋକନ ମଧ୍ୟ କରାଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ରମ୍‌ଜାନ୍ ମାସର ଦିନମାନଙ୍କରେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ର ପରାଗ ହେଉଛି, ଏହି ଗ୍ରହଣକୁ କେତେକ ଅହେମଦିମାନେ ନିଦର୍ଶନ ବୋଲି ଦର୍ଶାଉଛନ୍ତି । ଅତଏବ୍ ଅଲ୍ଲାଃତାଲା ହିଁ ସର୍ବଜ୍ଞ ଓ ଅନ୍ତର୍ଯାମୀ ଅଟନ୍ତି । ସେ ଯାହା ହେଉ ଯଦି ବି ନିଦର୍ଶନ ମନେକରାଯାଏ ତେବେ ଏହା ସେହି ନିଦର୍ଶନର ଏକ ଧାରାବାହିକତା ଅଟେ । ଅର୍ଥାତ ଯେଉଁ ନିଦର୍ଶନଟି ବର୍ତ୍ତମାନ ଜାରି ରହିଛି, ସେ ହିନିଦର୍ଶନର ଦାବି ଆଜକୁ 135, 136 ବର୍ଷ ପୂର୍ବେ ପୂର୍ଣ୍ଣ ହୋଇ ସାରିଛି । କିନ୍ତୁ ସ୍ପଷ୍ଟ ହେଉ କି ଆପଣ ଅ.ସଙ୍କ କାଳରେ ହୋଇଥିବା ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ର ପରାଗ ପୃଥିବୀର ପୂର୍ବୋତ୍ତର ଭାଗରେ ଏବଂ ପଶ୍ଚିମ ଭାଗରେ ହୋଇଥିଲା । ଚଳିତ ବର୍ଷ ଲାଗିଥିବା ଗ୍ରହଣ ଅଧିକାଂଶ ରୂପେ ପଶ୍ଚିମ ଭାଗରେ ଲାଗିଛି । ତେଣୁ ଆମେମାନେ ଏହି ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗକୁ ସେହି କାଳର ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ର ପରାଗ ତୁଲ୍ୟ ମହତ୍ତ୍ୱ ପ୍ରଦାନ କରିପାରିବେ ନାହିଁ । କାରଣ ଉକ୍ତ ଗ୍ରହଣଟି ଆଂଶିକ ଭାଗରେ ଲାଗଛି ଅର୍ଥାତ୍ ସୂର୍ଯ୍ୟର ଶତକଡ଼ା 25% ଓ 30% ଭାଗ Cover ହେବ । ଅର୍ଥାତ୍ ଦେଖାଯିବ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ତ' 75% (ଭାଗରୁ) 100% (ଭାଗ) ପର୍ଯ୍ୟନ୍ତ ଗ୍ରହଣ ଲାଗିଥିଲା । ଅତଏବ୍ ଯେତେବେଳେ ଗ୍ରହଣ ଲାଗିବା ଆରମ୍ଭ ହେଲା ଓ ହ. ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ଗ୍ରହଣ ଦେଖାଇ ଦିଆଗଲା ସେତେବେଳେ ଆପଣ ଅ.ସ କହିଲେ, ହେ ଲୋକମାନେ ! ମୁଁ ଏବଂ ଆପଣମାନେ ତ' ଦେଖି ନେଇଛନ୍ତି କିନ୍ତୁ ବିରୋଧୀମାନେ ଉକ୍ତ ନିଦର୍ଶନକୁ ଦେଖି କୌଣସି ଶିକ୍ଷା ଗ୍ରହଣ କରିବେ ନାହିଁ । କିନ୍ତୁ ଗ୍ରହଣ ଯେତେବେଳେ ବୃଦ୍ଧି ପାଇବାକୁ ଲାଗିଲା ସେତେବେଳେ ପୂର୍ଣ୍ଣ ସୂର୍ଯ୍ୟଗ୍ରହଣ ଲାଗିଗଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏଠାରେ ମୁଁ ଉକ୍ତ ନିଦର୍ଶନର ପ୍ରାସଙ୍ଗିକ ଚର୍ଚ୍ଚା ମଧ୍ୟ କରି ଦେଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ 1889 ମସିହା ଜାନୁୟାରୀ ମାସ 12 ତାରିଖ ଦିନ "**ତକିମିଲେ ତବ୍‌ଲିଗ୍**" ନାମରେ ଏକ ଘୋଷଣା ପ୍ରକାଶ କଲେ ଏବଂ ତହିଁରେ ଆପଣ ଅ.ସ ବୈଅତ୍‌ର୍ 10ଟି ସର୍ତ୍ତ ଉଲ୍ଲେଖ କଲେ । ହୁଜୁର ଅନ୍‌ୱର୍ କହିଲେ, ଯେପରିକି ଆମେମାନେ ଜାଣୁ କି ଜମାଅତ୍ ଅହେମଦିୟାରେ ଉକ୍ତ ସର୍ତ୍ତ "**ଦଶ୍ ଶରାଏତେ ବୈଅତ୍**" (ବୈଅତର 10ଟି ସର୍ତ୍ତାବଳୀ) ନାମରେ ଖ୍ୟାତ ଅଟେ । ଜଣେ ଅହେମଦି ହେବା ନିମନ୍ତେ ଏହି ସର୍ତ୍ତାବଳୀଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଏବଂ ତାହାକୁ ମନ ଓ ପ୍ରାଣ ସହିତ ସ୍ୱୀକାର କରିବା ଆବଶ୍ୟକ ଅଟେ । ସେହି ବୈଅତ୍‌ରେ ଆପଣ ଅ.ସ ଏହି ମାର୍ଗଦର୍ଶନ କଲେ ଓ ବୈଅତ୍‌କାରୀ ବ୍ୟକ୍ତିକୁ ଏହା କହିବା କି ସେ ଏହି ଶପଥ ନେଉ ବା ଅଙ୍ଗୀକାର କରୁ କି ସେ ସିର୍କ ଠାରୁ ସଂପୂର୍ଣ୍ଣ ରୂପେ ବର୍ତ୍ତିବା ନିମନ୍ତେ ଚେଷ୍ଟା କରିବ । ମିଥ୍ୟା, ବ୍ୟାଭିଚାର, କୁଦୃଷ୍ଟି, ପାପ, ଅପରାଧ, ଅତ୍ୟାଚାର, ଅବିଶ୍ୱସ୍ତତା, ହିଂସା, ଉପଦ୍ରବ ଓ ବିଦ୍ରୋହରୁ ବର୍ତ୍ତିବାକୁ ପ୍ରୟାସ କରୁଥିବ। କାମନା ଜନିତ ଉତ୍ସାହ ସମୟରେ ଯେମିତିଆ କାମନା ମୋତେ ଆକ୍ରମଣ କରୁ ପଛେ ସେହି କାମାନା ଠାରୁ ମୁଁ କେବେ ବି ପରାଜିତ ହେବି ନାହିଁ । ଆପଣ ଅ.ସ ଏହା ମଧ୍ୟ କହିଲେ, ଯେ, ନମାଜ ପାଠ ପ୍ରତି ସଂପୂର୍ଣ୍ଣ ଧ୍ୟାନ ଦେବି ଓ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଅନୁଯାୟୀ ନିଜର ନମାଜକୁ ଯଥାସାଧ୍ୟ ଶୃଙ୍ଖଳିତ ଓ ମାର୍ଜିତ ଉପାୟରେ ପାଠ କରିବା ନିମନ୍ତେ ଉଦ୍ୟମ କରିବି । ପାପ ପାଇଁ କ୍ଷମା ଭିକ୍ଷା କରିବି । ଇସ୍ତିଗଫାର୍ କରିବି । ଏପରି କୌଣସି ଆବେଗଜନିତ ଉତ୍ସାହ ପ୍ରଦର୍ଶନ କରିବି ନାହିଁ ଯଦ୍ଦ୍ୱାରା ମାନବ ଜାତିର ଅକାରଣରେ କ୍ଷତି ପହଞ୍ଚିବ। ମୁଁ ନିଜ ହସ୍ତ ଦ୍ୱାରା ମାନବ ଜାତିର କ୍ଷତି ଘଟାଇବି ନାହିଁ କି ତୁଣ୍ଡ ଦ୍ୱାରା କ୍ଷତି ମଧ୍ୟ ଘଟାଇବି ନାହିଁ । ମୁଁ ପ୍ରତ୍ୟେକ ପରିସ୍ଥିତିରେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରିବି। ଅଲ୍ଲାଃତାଲାଙ୍କର ଯେଉଁ ପ୍ରସନ୍ନତା ହେବ ତାହା ପ୍ରତି ମୁଁ ପ୍ରସନ୍ନ ରହିବି । ପୁନଶ୍ଚ ମୁଁ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ପ୍ରତି ସଂପୂର୍ଣ୍ଣ ଆନୁଗତ୍ୟ ପ୍ରକାଶ କରିବି ଓ ତାହାକୁ ପୂର୍ଣ୍ଣ ରୂପେ କାର୍ଯ୍ୟାକାରୀ କରିବି । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ପ୍ରତ୍ୟେକ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଉଦ୍ୟମ କରିବି । ପବିତ୍ର କୁରଆନ କରୀମ୍‌ର ଆଦେଶାବଳୀକୁ ସମ୍ମାନ କରିବି । ଯେଉଁ କର୍ମ ନକରିବା ନିମନ୍ତେ ଅଲ୍ଲାଃତାଲା ଆଦେଶ ଓ ବାରଣ କରିଛନ୍ତି ତହିଁରୁ ଅଟିକିଯିବି । ଅର୍ଥାତ୍ ଅବୈଧ କର୍ମ କରିବି ନାହିଁ । ମୋର ଏହି ସିଦ୍ଧାନ୍ତ ରହିଛି ଯେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀର ଆଜ୍ଞା ପାଳନ କରିବି । ପୁନଶ୍ଚ, ବିନୀତତା, ବିନମ୍ରତା, ଓ ଦାରିଦ୍ର୍ୟତା ଅବଲମ୍ବନ କରିବି । ଗର୍ବ ଓ ଅହଂକାରରୁ ବର୍ତ୍ତିବି । ନିଜର ପ୍ରାଣ ଅପେକ୍ଷା ଧର୍ମକୁ ଅଧି ସମ୍ମାନ ଜଣାଇବି ଏବଂ ଅଧିକ ରୂପେ ଧର୍ମ ପ୍ରତି ସମବେଦନା ଓ ସହାନୁଭୂତି ପ୍ରଦର୍ଶନ କରିବି । ମୋ ମଧ୍ୟରେ ଯେତିକି ଶକ୍ତି ଓ ସାମର୍ଥ୍ୟତା ରହିଛି ତଦନୁଯାୟୀ ମୁଁ ମାନବ ଜାତିର ସର୍ବଦା ଉପକାର ସାଧନ କରିବା ନିମନ୍ତେ ପ୍ରୟାସ କରିବି । ହ. ମସିହି ମଉଦ୍ ଅ.ସଙ୍କ ଦ୍ୱାରା ବର୍ଣ୍ଣିତ ପ୍ରତ୍ୟେକ ଉଚିତ୍ କରଣୀୟ ଆଦେଶାବଳୀକୁ ପାଳନ କରିବି । ଅର୍ଥାତ୍ ଆପଣ ଅ.ସ ଧର୍ମ ବିଧାନ ଅନୁଯାୟୀ ଯେଉଁ ଆଦେଶ ଦେବେ ତାହାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି । କାରଣ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 08 May 2025 Issue No. 19

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଆପଣ ଅ.ସ ଆଁହଜରତ ସ.ଅଙ୍କ ଧର୍ମର ପ୍ରଚାର ଓ ପ୍ରସାରିତ କରିବା ନିମନ୍ତେ ଆସିଥିଲେ । ସେହିପରି ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଏପରି ସଂପର୍କ ରଖିବି ଯେଉଁ ସଂପର୍କ କୌଣସି ସାଂସାରିକ ସଂପର୍କରେ ମଧ୍ୟ ଦେଖିବାକୁ ମିଳେ ନାହିଁ ।

**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-563-564)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଉପରୋକ୍ତରେ ମୁଁ ଯେଉଁ ସର୍ତ୍ତାବଳୀର ଉଲ୍ଲେଖ କରିଛି ସେହି ସବୁ ସର୍ତ୍ତାବଳୀ ହେଉଛି ବୈଅତର ସର୍ତ୍ତାବଳୀ । ଉକ୍ତ ସର୍ତ୍ତାବଳୀ ଅନୁଯାୟୀ ଅନେକ ନୈଷ୍ଠିକ ଲୋକମାନେ ବୈଅତ୍ କରିଥିଲେ ଏବଂ ଆଜି ପର୍ଯ୍ୟନ୍ତ ଆମେମାନେ ଏହିସବୁ ସର୍ତ୍ତାବଳୀ ଅନୁଯାୟୀ ବୈଅତ୍ କରିଥାଉ ଓ କରି ଆସିଛୁ । ଅତଏବ୍ ଆମମାନଙ୍କୁ ଏହା ଚିନ୍ତା କରିବା ଉଚିତ୍ ଯେ, କ'ଣ ଆମେମାନେ ଏହିସବୁ ଆଦେଶାବଳୀକୁ କାର୍ଯ୍ୟାନୁସରଣ କରୁଛେ ଅବା ନୁହେଁ ? ହୁଜୁରେ ଅନ୍‌ୱର୍ ଅ.ବ କହିଲେ, ଉକ୍ତ କଥା ମନେ ପକାଇବା ନିମନ୍ତେ ଉଦ୍ଦିଷ୍ଟ ଅଟେ। ଏହି କାରଣ ରହିଛି ଯେ, ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟାରେ ଏକ ସଂଖ୍ୟା ଗରିଷ୍ଠ ନୈଷ୍ଠିକ ବ୍ୟକ୍ତିମାନଙ୍କର ସଂଖ୍ୟା ରହିଛି । ଏହି ନୈଷ୍ଠିକ ବ୍ୟକ୍ତିମାନେ ଏହି ଉପରେ କାର୍ଯ୍ୟାନୁସରଣ ମଧ୍ୟ କରୁଛନ୍ତି ଏବଂ ପୁନଶ୍ଚ ଧନ, ମନ, ପ୍ରାଣ ଓ ସମୟ ଏବଂ ସମ୍ମାନ ତଥା ମର୍ଯ୍ୟାଦାକୁ ଜଳାଞ୍ଜଳୀ ଦେବା ନିମନ୍ତେ ସର୍ବଦା ତତ୍ପର ରହି ଥାଆନ୍ତି । ସେମାନେ ଉକ୍ତ କଥା ପ୍ରତି ପ୍ରସ୍ତୁତ ଅଟନ୍ତି ଯେ, ଆମେମାନେ ଧର୍ମର ମାନମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବୁ ଓ ଇସ୍‌ଲାମ୍ ଧର୍ମର ବାର୍ତ୍ତାକୁ ସଂସାରେ ପରିବ୍ୟାପ୍ତ ତଥା ପହଞ୍ଚାଇବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରିବୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯେଭଳି ଆମମାନଙ୍କୁ କହିଛନ୍ତି ଠିକ୍ ସେହିପରି ଆମେମାନେ ତବ୍‌ଲିଗ (ପ୍ରଚାର)ର କର୍ତ୍ତବ୍ୟ ନିର୍ବାହ କରିବା ନିମନ୍ତେ ଉଦ୍ୟମ କରିବୁ । ସେହିପରି ଆମମାନଙ୍କୁ  ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାକୁ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ମନରେ (ହ. ମସିହ୍ ମଉଦ୍ ଅ.ସଙ୍କ ମନରେ) ଆଁହଜରତ୍ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାର ଯେଉଁ ଅବସ୍ଥା ରହିଥିଲା ତାହାର ନକ୍ସା ଆପଣ ଅ.ସଙ୍କ ଏକ ଆଲେଖ୍ୟରେ ଏହିପରି ଦେଖିବାକୁ ମିଳେ ଯେ, ଆପଣ ଅ.ସ କୁହନ୍ତି: "ମୁଁ ସର୍ବଦା ଅତ୍ୟନ୍ତ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖେ ଯେ, ଏହି ଆରବ୍ୟ ମହାବତାର ଯାହାଙ୍କ ନାମ ମୁହମ୍ମଦ ସ.ଅ ଅଟେ । ଏହି ଅବତାରଙ୍କ ଉପରେ ସହସ୍ର ସହସ୍ର ଓ କୋଟେ କୋଟି ଶାନ୍ତି ଅବତୀର୍ଣ୍ଣ ହେଉ। ଏହି ଅବତାରଙ୍କ ମର୍ଯ୍ୟାଦା ଅତ୍ୟୁଚ୍ଚ ଅଟେ । ଆପଣ ସ.ଅଙ୍କ ମର୍ଯ୍ୟାଦାର ଶେଷ ସଂପର୍କରେ ଜ୍ଞାତ (ଆକଳନ) କରି ହେବ ନାହିଁ । ଏହି ଅବତାରଙ୍କ ଈଶ୍ୱର ଦତ୍ତ ଶକ୍ତିର ଆକଳନ କରିବା ମନୁଷ୍ୟର କାର୍ଯ୍ୟ ନୁହେଁ ଏବଂ ମନୁଷ୍ୟ ପକ୍ଷେ ଏହା ଏକ ଦୂରୁହ ବ୍ୟାପାର ଅଟେ । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଏହି ମହାବତାରଙ୍କୁ ଯେପରି ଚିହ୍ନିବାର ଅଧିକାର ରହିଥିଲା ସେପରି ଆପଣ ସ.ଅଙ୍କୁ ଚିହ୍ନାଗଲା ନାହିଁ । ଯେଉଁ ଏକେଶ୍ୱରବାଦ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଥିଲା ଏବଂ ଯେଉଁ ଏକେଶ୍ୱରବାଦ ଭୂପୃଷ୍ଠରୁ ହଜି ଯାଇଥିଲା ସେହି ଏକେଶ୍ୱରବାଦକୁ ଆପଣ ସ.ଅ ହିଁ ଧରାପୃଷ୍ଠକୁ ଫେରାଇ ଆଣିଥିଲେ ଓ ସଂସାରରେ ସେହି ଏକେଶ୍ୱରବାଦକୁ ପୁନଃ ସ୍ଥାପନ କରିଦେଇଥିଲେ । ସେହି ମହାବତାର ସ.ଅ ଅଲ୍ଲାଃତାଲାଙ୍କ ପ୍ରତି ଅସୀମ ପ୍ରେମ ଓ ଆନ୍ତରୀକତା ପ୍ରଦର୍ଶନ କଲେ ଏବଂ ମାନବଜାତି ଏବଂ ପ୍ରାଣୀମାନଙ୍କ ପ୍ରତି ଆପଣ ସ.ଅ ସହାନୁଭୂତି ପ୍ରଦର୍ଶନ କରିବାରେ ହିଁ ଆପଣ ସ.ଅଙ୍କ ପ୍ରାଣ ଦ୍ରବୀଭୂତ ହୋଇଗଲା। ସେଇଥିପାଇଁ ଅଲ୍ଲାଃତାଲା ଯେକି ସେହି ମହାବତାରଙ୍କ ହୃଦୟରେ ଥିବା ଭେଦ ସହିତ ଅବଗତ ଥିଲେ ସେହି ମହାବତାରଙ୍କୁ ସମସ୍ତ ଅବତାରଙ୍କ ଅପେକ୍ଷା, ସମସ୍ତ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ମର୍ଯ୍ୟାଦା ପ୍ରଦାନ କଲେ । ଆପଣ ସ.ଅଙ୍କ ମନସ୍କାମନାକୁ ଆପଣ ସ.ଅଙ୍କ ଜୀବନରେ ପୂର୍ଣ୍ଣ କରିଦେଲେ। ଆପଣ ସ.ଅ ହିଁ ପ୍ରତ୍ୟେକ ପ୍ରକାରର ଦୟା ଓ କୃପାର ନିର୍ଝର (ଝରଣା) ଅଟନ୍ତି, ଯେଉଁ ବ୍ୟକ୍ତି ଆପଣ ସ.ଅଙ୍କ କଲ୍ୟାଣ ଓ କୃପା ବ୍ୟତୀରେକ ଅନ୍ୟ କୌଣସି କଲ୍ୟାଣ, କୃପା ଓ ଶ୍ରେଷ୍ଠ ମର୍ଯ୍ୟାଦାର ଅଧିକାରୀ ହେବାର ସ୍ୱୟଂ ଦାବି କରେ ଅର୍ଥାତ୍ ଆପଣ ସ.ଅଙ୍କ କଲ୍ୟାଣ ବ୍ୟତୀରେକ ଅନ୍ୟ କୌଣସି ପ୍ରକାରର ପୁଣ୍ୟର ଦାବି କରେ ତେବେ ସେହି ବ୍ୟକ୍ତି ମନୁଷ୍ୟ ନୁହେଁ ବରଂ ସୈତାନ୍‌ର ସନ୍ତାନ ଅଟେ । କାରଣ ପ୍ରତ୍ୟେକ କଲ୍ୟାଣ, କୃପା ଓ ପୁଣ୍ୟର କୁଞ୍ଜିକା (ଚାବି) ଆପଣ ସ.ଅଙ୍କୁ ପ୍ରଦାନ କରାଯାଇଛି ।"

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-118-119)**

ଏହିପରି ଭାବରେ ଆପଣ ଅ.ସ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ) ଅସଂଖ୍ୟା ସ୍ଥାନରେ ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦା ସଂପର୍କରେ ବର୍ଣ୍ଣନା କରିଛନ୍ତି । ଏହିପରି ଭାବରେ ଏକ ସ୍ଥଳେ ଆପଣ କହିଲେ, ସେହି ବ୍ୟକ୍ତି ନିଜର ଅସ୍ତିତ୍ୱ ମାଧ୍ୟମରେ, ନିଜର ସୁଗୁଣାବଳୀ ଦ୍ୱାରା, ନିଜର ଆଚରଣ ଦ୍ୱାରା, ନିଜର କର୍ମ ମାଧ୍ୟମରେ ଓ ଆଧ୍ୟାତ୍ମିକ ତଥା ପବିତ୍ର କଲ୍ୟାଣମୂଳକ ଶକ୍ତିର ପ୍ରଖର ତଟିନୀ (ନଦୀ) ମାଧ୍ୟମରେ ପୂର୍ଣ୍ଣାତ୍ମକ ଆଦର୍ଶ ବ୍ୟବହାରିକତା, ସତ୍ୟବାଦୀତା ଓ ଅବିଚଳତା ଭାବରେ ପ୍ରଦର୍ଶନ କଲେ ଅବା ସେହି ମହାବତାର ନବି ଶିରୋମଣି ଓ ପୁରୁଷୋତ୍ତମ ବୋଲାଇଲା............ ସେହି ମନୁଷ୍ୟ ଯିଏ ସର୍ବାଧିକ ରୂପେ ସଂପୂର୍ଣ୍ଣ ଓ ସର୍ବଗୁଣ ସମ୍ପନ୍ନ ମନୁଷ୍ୟ ଥିଲା ଏବଂ ପୁର୍ଣ୍ଣାବତାର ଥିଲା ଓ ପୂର୍ଣ୍ଣାତ୍ମକ କଲ୍ୟାଣର ସହିତ ଧରାପୃଷ୍ଠରେ ଜନ୍ମ ନେଇଥିଲା, ଆଧ୍ୟାତ୍ମିକ ଜନ୍ମ ଏବଂ ଏକତ୍ରୀକରଣ ଯୋଗୁଁ ସଂସାରଲୋକରେ ପ୍ରଥମ ପ୍ରଳୟ ଦିବସ ସଂଘଟିତ ହୋଇତିଲା ଏବଂ ଆପଣ ସ.ଅଙ୍କ ଆଗମନ ଦ୍ୱାରା ଏକ ମୃତ ଜଗତ ଜୀବିତ ହୋଇ ଉଠିଥିଲା । ସେହି କଲ୍ୟାଣମୟ ଅବତାର ହେଉଛନ୍ତି ହ. ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହୋର), ଇମାମୁଲ୍ ଅସଫିୟା (ସନ୍ଥାତ୍ମାମାନଙ୍କର ଧର୍ମାଧ୍ୟକ୍ଷ), ଖତମୁର୍ ମୁରସିଲିନା (ଶ୍ରେଷ୍ଠାବତାର), ଫଖରୁନ୍ ନବୀୟିନ୍ (ଅବତାରମାନଙ୍କ ଗୌରବ) ଶ୍ରୀଯୁକ୍ତ ମୁହମ୍ମଦ ମୁସ୍ତଫା ସ.ଅ ଅଟନ୍ତି । ହେ ପ୍ରିୟ ଈଶ୍ୱର ! ସେହି ପ୍ରିୟାବତାରଙ୍କ ଉପରେ ତୁମ୍ଭେ ଦୟାବତୀର୍ଣ୍ଣ କର । ହେ ପ୍ରିୟ ଈଶ୍ୱର ! ଯେଉଁ କରୁଣା, ଦୟା ଓ ଦୁରୁଦ୍ ତୁମ୍ଭେ ସୃଷ୍ଟିର ପ୍ରାରମ୍ଭରୁ କାହା ପ୍ରତି ଅବତୀର୍ଣ୍ଣ ଓ ପ୍ରେରଣ କରି ନଥିଲ, ତୁମ୍ଭେ ସେହି ପ୍ରିୟାବତାରଙ୍କ ଉପରେ ସହସ୍ର ସହସ୍ର ଦୟା ଓ କରୁଣା ଅବତୀର୍ଣ୍ଣ କର ।

**(ଅତ୍‌ମାମୁଲ୍ ହୁଜ୍ଜା, ରାହାନୀ ଖଜାଏନ୍, ଭାଗ-8, ପୃ-308)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ସେହି କଥା, ଏ ହେଉଛି ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ସେହି ପ୍ରେମ ଏବଂ ଆନ୍ତରୀକତା ଯଦ୍ଦ୍ୱାରାକି ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଉକ୍ତ କାର୍ଯ୍ୟ ନିମନ୍ତେ ଅବତୀର୍ଣ୍ଣ (ପ୍ରେରଣ) କଲେ । କାରଣ ଇସ୍‌ଲାମ୍ ଧର୍ମର ପୁନରୁତ୍ଥାନ ନିମନ୍ତେ ବର୍ତ୍ତମାନ ଆପଣ ଅ.ସ ହିଁ ସେହି ବ୍ୟକ୍ତି ଅଟନ୍ତି ଯିଏ ନିଜର ଭୂମିକା ନିର୍ବାହ କରିବେ ଓ ଅଲ୍ଲାଃତାଲା ଆପଣ ଅ.ସଙ୍କୁ କହିଲେ, ବର୍ତ୍ତମାନ ସେହି ପ୍ରେମ ତଥା ଆନ୍ତରୀକତା ଯୋଗୁଁ ମୁଁ (ଅଲ୍ଲାଃତାଲା) ତୁମ୍ଭକୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ଏକ ମର୍ଯ୍ୟାଦା ପ୍ରଦାନ କରୁଛି ଯେ, ତୁମ୍ଭେ ହିଁ ସେହି ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅଟ ଏବଂ ହେ ମସିହ୍ ! ତୁମ୍ଭେ ନିଜକୁ ମସିହ୍ ଓ ମେହ୍‌ଦୀ ହେବାର ଘୋଷଣା କରିଦିଅ । ଅଲ୍ଲାଃତାଲା କହିଲେ, ଏହି ଶେଷ ଯୁଗରେ ଇସ୍‌ଲାମ୍ ଧର୍ମର ପୁନରୁତ୍ଥାନର ଯେଉଁ ପ୍ରତିଶ୍ରୁତି ରହିଥିଲା ତାହାକୁ ମୁଁ ପୂର୍ଣ୍ଣ କରୁଛି ଏବଂ ତୁମ ଉପରେ ମୁଁ ଉକ୍ତ ଦାୟିତ୍ୱ ନ୍ୟସ୍ତ କରୁଛି । ଅତଏବ୍ ଏହିସବୁ କାର୍ଯ୍ୟ ରହିଥିଲା ଯେଉଁ କାର୍ଯ୍ୟ ନିମନ୍ତେ ହ. ମସିହ୍ ମଉଦ୍ ଅ.ସ ପ୍ରେରିତ ହୋଇଥିଲେ ଏବଂ ଜନ୍ମଗ୍ରହଣ କିରଥିଲେ । ଆପଣ ଅ.ସ ଏହିସବୁ କର୍ତ୍ତବ୍ୟକୁ ଅତ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କଲେ । ଆପଣ ଅ.ସ ନିଜ ଜମାଅତ୍‌କୁ ଉପଦେଶ ଦେଇ କୁହନ୍ତି: "ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ! ଯେତେବେଳେ ତୁମେମାନେ ମୋ ହସ୍ତରେ ବୈଅତ୍ କରି ନେଇଛ ସେତେବେଳେ ତୁମେମାନେ ଏକଥା ମଧ୍ୟ ସ୍ମରଣ (ମନେରଖ) ରଖ କି ଅଲ୍ଲାଃତାଲା ତ' ଏହା କହିଛନ୍ତି ଯେ, ମସିହ୍ ମଉଦ୍ ଅ.ସଙ୍କ ସହିତ ସାହାବାମାନଙ୍କ ପରି ଲୋକମାନେ ହେବେ । ଅତଏବ୍ ଯେତେବେଳେ ଅଲ୍ଲାଃତାଲାଙ୍କର ଏହି ଆଦେଶ ରହିଛି ସେତେବେଳେ ଯେଉଁମାନେ ମୋର ବୈଅତ୍ କରିଛନ୍ତି, ଯେଉଁମାନେ ଏହି ଅଙ୍ଗୀକାର କରିଛନ୍ତି ଯେ, ସେମାନେ ଆଁହଜରତ ସ.ଅଙ୍କ ପାଇଁ ସୁନାମ ଆଣିଦେବେ ଏବଂ ଇସ୍‌ଲାମ ଧର୍ମର ନାମକୁ ଆଲୋକିତ ତଥା ଉଜ୍ଜ୍ୱଳ କରିଦେବେ (ଇସ୍‌ଲାମ୍ ଧର୍ମ ପାଇଁ ସୁନାମ ଆଣିଦେବେ) ଓ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍‌କୁ ସଂସାରର ପ୍ରତ୍ୟେକ ପ୍ରାନ୍ତ ପର୍ଯ୍ୟନ୍ତ ପହଞ୍ଚାଇଦେବେ ତେବେ ସେପରିପ୍ରେକ୍ଷୀରେ ଜମାଅତ୍‌ର ସେହି ସଦସ୍ୟବୃନ୍ଦଙ୍କୁ ସାହାବାମାନଙ୍କ ପରି ସେହି ଆଚରଣ ମଧ୍ୟ ପ୍ରଦର୍ଶନ କରିବାକୁ ହେବ ଓ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାହାବାମାନଙ୍କ ପରି ହେବାକୁ ପଡ଼ିବ । ସାହାବାମାନଙ୍କ ପରି ଆଚରଣ ଅବଲମ୍ବନ କରିବାକୁ ପଡ଼ିବ । ଆପଣ ଅ.ସ ଏହାର ବିସ୍ତୃତ ବିବରଣୀ ପ୍ରଦାନ କରି ଏକ ସ୍ଥାନରେ କୁହନ୍ତି: "ଆମମାନଙ୍କର ପୂର୍ଣ୍ଣ ମାର୍ଗଦର୍ଶକଙ୍କ (ଆଁହଜରତ ସ.ଅଙ୍କ) ସାହାବାମାନେ ନିଜର ଈଶ୍ୱର ଓ ତାହାଙ୍କ ବାର୍ତ୍ତାବହଙ୍କ ନିମନ୍ତେ କେଉଁ କେଉଁ ବଳିଦାନ ଦେଲେ । ସେହି ସାହାବାମାନେ ନିଜର ମାତୃଭୂମିରୁ ନିର୍ବାସିତ ହେଲେ, ଅନ୍ୟାୟ, ଅତ୍ୟାଚାରା ଓ ନିର୍ଯାତନା ସହିଲେ ।  ନାନା  ପ୍ରକାରର ଦୁଃଖ କଷଣ (କଷ୍ଟ) ସହ୍ୟ କଲେ ଓ ବିପତ୍ତିର ସମ୍ମୁଖୀନ ହେଲେ । ନିଜର ଜୀବନ ଦେଲେ।  କିନ୍ତୁ ସତ୍ୟାବାଦୀତା ଏବଂ ବିଶ୍ୱସ୍ତତା ମାର୍ଗରେ ସେମାନେ ଅଗ୍ରସର ହେଲେ । ଅତଏବ୍ ଏପରି କେଉଁ ପ୍ରସଙ୍ଗ ଏବଂ ଏମତି କେଉଁ କଥା ରହିଥିଲା ଯାହା ସେମାନଙ୍କୁ ଏପରି ବଳିଦାନକାରୀ ବ୍ୟକ୍ତି କରିଦେଲା ? ତାହା ପ୍ରକୃତ ଈଶ୍ୱରଙ୍କ ପ୍ରେମ ଥିଲା ଯାହାର କିରଣ ସେମାନଙ୍କ ହୃଦୟରେ ପଡ଼ି ସାରିଥିଲା ।  ସେଇଥିପାଇଁ ଯେମିତିକା ଅବତାର ସହିତ ତୁଳନା କରିନିଆଯାଉ ଆପଣ ସ.ଅଙ୍କ ଶିକ୍ଷା, ଆତ୍ମାକୁ ଶୁଦ୍ଧ ଏବଂ ପବିତ୍ର କରି ପକାଉଥିବା ଗୁଣ, ନିଜସ୍ୱ ଢଙ୍ଗରେ ସଂସାର ଠାରୁ ବିମୁଖ, ଅନାସକ୍ତ ଓ ସଂସାର ଠାରୁ ଘୃଣା ପ୍ରଦର୍ଶନ କରିବା, ସାହସିକତାର ସହିତ ସତ୍ୟତା ନିମନ୍ତେ ରକ୍ତପାତ କରିଦେବା ଇତ୍ୟାଦିର ଦୃଷ୍ଟାନ୍ତ ଆଁହଜରତ ସ.ଅ ଓ ସାହାବାମାନଙ୍କ ବ୍ୟତୀତ ଅନ୍ୟ କେଉଁଠି ବି ଦେଖିବାକୁ ମିଳି ପାରିବ ନାହିଁ ।"

**(ଅବଶିଷ୍ଟାଂଶ....... ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan